Split by PDF Splitter



# ମୁସଲିମ୍ ସମ୍ମିଳନୀ

## ବନ୍ଦ ରହିଲା

ବଙ୍ଗଳାର ହିନ୍ଦୁ ମୁସଲମାନ ନେତାମାନେ ଏପର୍ଯ୍ୟନ୍ତ ବଙ୍ଗ ସମସ୍ୟାର କୌଣସି ମୀମାଂସା କରିପାରି ନାହାନ୍ତି । ସାଇମ ସମ୍ମିଳନୀ ପକ୍ଷରୁ ବଙ୍ଗଳା ବିଷୟରେ ବିଚାର କରିବା ପାଇଁ ଯେଉଁ ସବକମିଟି ବସିଥିଲା ସେ କମିଟିର ବୈଠକ ଫେବୃୟାରୀ ତା ୪ ଦିନରେ ହେବାର ସ୍ଥିର ହୋଇଥିଲା, ତାହା ଫେବୃୟାରୀ ତା ୪ ତାରିଖରେ ବନ୍ଦ ହୋଇ ବର୍ତ୍ତମାନ ପାଇଁ ବନ୍ଦ ରହିଲା ।

---

## ମୀରଟ୍‌ର ଷଡ଼ଯନ୍ତ୍ର ମୋକଦ୍ଦମା

## ସରକାର ଉଠାଇ ନେଲେ

ମୀରଟର ୧୪ ଜଣ ଯୁବକଙ୍କ ନାମରେ ସରକାର ଫୌଜ ଆଇନ ଅନୁସାରେ ଷଡ଼ଯନ୍ତ୍ର ଏବଂ ବିଶ୍ୱାସଘାତ କଥାରେ ମକଦ୍ଦମା କରିଥିଲେ । ମୋକଦ୍ଦମା ୧୯୩୧ ସାଲ ଏପ୍ରିଲ ମାସ ୧୫ ତାରିଖଠାରୁ ଆରମ୍ଭ ହୋଇଥିଲା । ୨୧ ମାସ ମୋକଦ୍ଦମା ଚାଲିଲା । ପ୍ରଥମ ସାକ୍ଷୀର ଜେରା ସାତ ମାସ ହେଲା । ଏପର୍ଯ୍ୟନ୍ତ ସରକାରୀ ପକ୍ଷ ସାକ୍ଷୀମାନଙ୍କ ମଧ୍ୟରୁ ଅର୍ଦ୍ଧେ ସୁଦ୍ଧା ହାଜର କରି ନାହାନ୍ତି । ଅନୁମାନ ହୁଏ ମୋକଦ୍ଦମା ଚାଲିଲେ ଅନ୍ତତଃ ପାଞ୍ଚବର୍ଷ ଲାଗିବ ମୋକଦ୍ଦମା ଶେଷ ହେବାକୁ । ଏହା ସବୁ ବିବେଚନା କରି ସରକାର ବର୍ତ୍ତମାନ ଏ ମୋକଦ୍ଦମା ନ ଚଳାଇ ଉଠାଇ ନେଇଅଛନ୍ତି । ଏ ମୋକଦ୍ଦମା ବାବଦରେ ଆସାମୀମାନେ ଉପଯୁକ୍ତ ମୁକ୍ତିଲାଭ କରିବେ ।

---

## ଦିଲ୍ଲୀରେ ଭୀଷଣ ଅଗ୍ନିକାଣ୍ଡ

ଗତ ମାସ ତାରଖରେ ଦିଲ୍ଲୀରେ ହୋଇଥିବା ସ୍ୱଦେଶୀ ପ୍ରଦର୍ଶନୀ ମଣ୍ଡପରେ ନିଆଁ ଲାଗିଥିଲା । ପ୍ରାୟ ୫୦ଟା ପ୍ରଦର୍ଶନ ଗୃହ ପୋଡ଼ି ଭସ୍ମ ହୋଇଗଲା । ବହୁତ ଲକ୍ଷ ଟଙ୍କା ପୋଡ଼ି ନଷ୍ଟ ହୋଇଯାଇଛି ।

---

## ଆଇରଲ୍ୟାଣ୍ଡ ସ୍ୱାଧୀନ ହେଉ

## ଇଂଲଣ୍ଡ ସହିତ ସମ୍ପର୍କତ୍ୟାଗ

ଆଇରଲ୍ୟାଣ୍ଡର ପାର୍ଲିଆମେଣ୍ଟରେ ନୂଆ ପ୍ରତିନିଧି ନିର୍ବାଚନ କାର୍ଯ୍ୟ ଶେଷ ହୋଇଛି । ସବୁଠି ଡ଼. ଭେଲେରାଙ୍କର ଜୟ ଜୟକାର ହୋଇଛି । ଆଇରିସ୍ ପାର୍ଲିଆମେଣ୍ଟ ସଦସ୍ୟସଂଖ୍ୟା ୧୫୩ ମଧ୍ୟରୁ ଭାଲେରାଙ୍କ ୭୭ ଅଛନ୍ତି । ବାକି ୭୬ ଜଣମଧ୍ୟରୁ କସ୍‌ଗ୍ରେଭ ଦଳର ୪୮, କେନ୍ଦ୍ରଦଳର ୧୧, ଶ୍ରମିକ ଦଳର ୮, ସ୍ୱାଧୀନତା ଦଳର ୮ ଓ ସ୍ୱାଧୀନ ଶ୍ରମିକ ଦଳର ୧ । ପାର୍ଲିଆମେଣ୍ଟରେ ଡ଼. ଭେଲେରାଙ୍କ ଦଳର ଜଣେ ସଭାପତି ହେବାର ସ୍ଥିର ହୋଇଛି । ମନ୍ତ୍ରୀ ସଭାରେ ଡ଼. ଭେଲେରା ସଭାପତି ହେବେ । ଡ଼. ଭେଲେରା ଘୋଷଣା କରିଛନ୍ତି ଯେ ଅଳ୍ପଦିନ ମଧ୍ୟରେ ଆଇରଲ୍ୟାଣ୍ଡକୁ ଆଇରଲ୍ୟାଣ୍ଡ ଭିତର ଏବଂ ବାହାର ଇଂଲଣ୍ଡ ସହିତ ସମସ୍ତ ପ୍ରକାର ସମ୍ପର୍କ ତ୍ୟାଗ କରିବେ । ସମ୍ଭବତଃ ଆଇରଲ୍ୟାଣ୍ଡ ପାଇଁ ସାଧାରଣତନ୍ତ୍ରର ବ୍ୟବସ୍ଥା ଡ଼. ଭେଲେରା କରିବେ ।

---

# ଉତ୍କଳ ପ୍ରଦେଶର

## ସୀମା

## ଲାଟସାହେବଙ୍କ ଘୋଷଣା

କେହାର ଓଡ଼ିଶାର ଲାଟ ସାର ଜନ୍ ଅଷ୍ଟିନ ହବ୍‌ବ୍ୟାକ୍ ମହୋଦୟ ପ୍ରଚାରଗମନ କରି ସେଠା ଡ଼ିଷ୍ଟ୍ରିକ୍ଟବୋର୍ଡ ଏବଂ ମ୍ୟୁନିସିପାଲିଟି ତରଫରୁ ଅଭିନନ୍ଦନ ପତ୍ର ପ୍ରଦାନ କରି ଉତ୍ତରରେ କହିଥିଲେ, "ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବ । ଭାରତର ଭବିଷ୍ୟତ ସଂଯୁକ୍ତ ସଂଘରେ ଓଡ଼ିଶା ଏକ ସ୍ୱତନ୍ତ୍ର ଅଙ୍ଗ ହୋଇ ରହିବ । କିନ୍ତୁ ଯେ ନୂଆ ପ୍ରଦେଶ ଗଢ଼ା ହେବ ତାହାର ସୀମା ନିର୍ଦ୍ଧାରଣ ହେଲା ବେଳେ ସ୍ଥାନୀୟ ଲୋକେ ବେଶୀ ପରିମାଣରେ ହତାଶ ହେବେ । କାରଣ ଏଭଳି ଅବସ୍ଥାରେ ସମସ୍ତଙ୍କ ମନ ମାଫିକ ସବୁ କାର୍ଯ୍ୟ କରାଯାଇ ନପାରେ ମାତ୍ର ଭୂମ୍ୟାଧିକାରୀଙ୍କର ଏତିକି ସନ୍ତୋଷ ହୋଇ ପାରେ ଯେ ଯେଉଁ ସବୁ ଅଞ୍ଚଳରେ ଓଡ଼ିଆମାନେ ବିଶେଷ ପରିମାଣରେ ଅଛନ୍ତି ସେହି ଅଞ୍ଚଳଗୁଡ଼ିକ ବର୍ତ୍ତମାନ ଓଡ଼ିଶା ଡିଭିଜନର ଲୋକମାନଙ୍କ ସହିତ ମିଶିବ ।"

---

## ୪୪ ମହିଳାଙ୍କ ଗିରଫ

ଗତ ୨୭ ତାରିଖ ସନ୍ଧ୍ୟାରେ କଲିକତା ବଡ଼ବଜାର ଷ୍ଟ୍ରିଟରେ ଏକ ଶୋଭାଯାତ୍ରା ବାହାର କରିବାରୁ ପୁଲିସ ୪୪ ଜଣ ମହିଳାଙ୍କୁ ଗିରଫ କରିଛନ୍ତି । ଶ୍ରୀଯୁକ୍ତା ନନ୍ଦରାଣୀ ଦାସ ପ୍ରମୁଖ ୪୪ ଜଣ ମହିଳା କର୍ମୀ ଆଜାଦ ପାର୍କରୁ ଶୋଭାଯାତ୍ରା ବାହାର କରି ଯାଉଥିଲେ ।

---

## ଲର୍ଡ଼ଙ୍କ ଦେଖା ଦେଲେନାହିଁ

## ପାରଳା ରାଜା ଫେରିଲେ

ପାରଳାର ମହାରାଜା ଦିଲ୍ଲୀଠାରେ ଭାଇସରାୟଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲେ । କିନ୍ତୁ ଭାଇସରାୟ ଦେଖା କରିବାକୁ ମନା କଲେ ।

---

## କଂଗ୍ରେସ ନେତାଙ୍କ ବିଗ୍ରହ

ଭାରତ କଂଗ୍ରେସର ବର୍ତ୍ତମାନ ସଭାପତି ଶ୍ରୀଯୁକ୍ତ ପଟେଲ ବେହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ବୋମ୍ବେ, କେରଳ, ମଧ୍ୟପ୍ରଦେଶ, ବଙ୍ଗ, ଉତ୍କଳ ପ୍ରଭୃତି ସବୁ ପ୍ରଦେଶରୁ ବାଛିକି କଂଗ୍ରେସ ନେତାଙ୍କୁ ଡକାଇଥିଲେ । ପ୍ରତ୍ୟେକ ପ୍ରଦେଶର ଅବସ୍ଥା ବିଷୟରେ ସମ୍ବାଦ ସଂଗ୍ରହ କରି ବର୍ତ୍ତମାନ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ । ପଣ୍ଡିତ ମଦନ ମୋହନ ମାଲବ୍ୟ କଂଗ୍ରେସ ବୈଠକ ବିଷୟରେ ଏବଂ ଅନ୍ୟାନ୍ୟ ନେତାଙ୍କ ଭାରତର ବିଷୟରେ ସମାଧାନ ନିମନ୍ତେ ଭାର ପଠାଇଛନ୍ତି । ସେ ସବୁ ବିଷୟରେ ବିଚାର ବର୍ତ୍ତମାନ ହେଉଛି ।

---

## ହାକିମ ହୁକୁମାଙ୍କ

## ଦରମା ପୁଣି କଟିଲା

ଭାରତ ସରକାର ଜଣାଇଛନ୍ତି ଯେ ସରକାରୀ କର୍ମଚାରୀଙ୍କ ଦରମା ୧୦ ଟଙ୍କା କଟା ଯାଉଥିଲା । କିନ୍ତୁ ବର୍ତ୍ତମାନ ୧୦ ସ୍ଥଳରେ ୫ ଟଙ୍କା କାଟ ହେବ । ପୂର୍ବଦରମା ଠାରୁ ଶତକଡ଼ା ୫ ଟଙ୍କା କମିବ ।

---

# ଜାନ୍‌ସ୍‌ବରିଙ୍କ ଆଶା

ବିଲାତ ପାର୍ଲିଆମେଣ୍ଟର ଶ୍ରମିକ ଦଳର ନେତା ମିଷ୍ଟର ଲାନ୍ସବରୀ ପ୍ରକାଶ କରିଛନ୍ତି ଯେ ସେ ଆଶା କରନ୍ତି ଯେ ୧୯୩୮ ଭାରତବର୍ଷ ପକ୍ଷରେ ବଡ଼ ଶାନ୍ତିପ୍ରଦ ହେବ । ସେ ଆଶା କରନ୍ତି ଯେ ସରକାର ମହାତ୍ମାଗାନ୍ଧି ଏବଂ କଂଗ୍ରେସର ଅନ୍ୟାନ୍ୟ ବନ୍ଦୀ ମାନଙ୍କୁ ମୁକ୍ତ କରି ସେମାନଙ୍କର ସାହାଯ୍ୟ ଲୋଡ଼ିବେ ଏବଂ ସେମାନେ ମଧ୍ୟ ନୂତନ ଶାସନ ସଂସ୍କାର ସମ୍ବନ୍ଧରେ ସରକାରଙ୍କୁ ସାହାଯ୍ୟ କରିବେ ।

ତାଙ୍କର ଦୃଢ଼ ବିଶ୍ୱାସ ଯେ ସରକାର ଯଦି କଂଗ୍ରେସର ସାହାଯ୍ୟ ଏଥିରେ ନ ପାଆନ୍ତି ତାହାହେଲେ ସରକାର କୌଣସି କାର୍ଯ୍ୟ ପୂର୍ଣ୍ଣ ଭାବରେ କରିପାରିବେ ନାହିଁ । ଶାସନ ସଂସ୍କାର ଦିଗରେ ସରକାରଙ୍କର ସମସ୍ତ ଶ୍ରମ ପଣ୍ଡ ହେବ ।

---

## ଆଫଗାନ ମନ୍ତ୍ରୀ ୟୁରୋପ ଗଲେ

ଅଫଗାନ ସରକାରଙ୍କର ଜଣେ ମନ୍ତ୍ରୀ ପେଟେଣ୍ଟ ଆର ଲାଟ ନେଇ ୟୁରୋପ ଯାତ୍ରା କଲେ । ସେମାନେ ଅଫଗାନ ସରକାରଙ୍କ ପ୍ରତିନିଧି ଭାବରେ ଫ୍ରାନ୍ସ, ଇଟାଲି ଏବଂ ଇଂଲଣ୍ଡରେ ରହିବେ ।

---

## ବର୍ମାବିଚ୍ଛେଦ

ବର୍ମା ବିଚ୍ଛେଦ ସମ୍ପର୍କରେ ବର୍ମାରୁ କେତେଜଣ ବିଶିଷ୍ଟ ନେତା ଭାରତ ଆଗମନ କରି ଭାରତର ପ୍ରଧାନ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସହିତ ବର୍ତ୍ତମାନ ରାଜନୈତିକ ଅବସ୍ଥା ଏବଂ ବର୍ମା ବିଚ୍ଛେଦ ବିଷୟରେ ଆଲୋଚନା କରୁଛନ୍ତି । ଗତ ୩ ତାରିଖରେ ସେମାନେ କାଶୀରେ ଆଗମନ କରି ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ସହିତ ଆଲୋଚନା କରିଥିଲେ । ସେଠାରୁ ସେମାନେ ଦିଲ୍ଲୀ ଯାତ୍ରା କରିଛନ୍ତି ।

---

## ବିବାହ ବିଚ୍ଛେଦ ଆଇନ

ନାଗପୁରର ସାର ହରି ସିଂହ ଗୌର ଭାରତ ବ୍ୟବସ୍ଥାପକ ସଭାରେ ଗୋଟିଏ ନୂଆ ଆଇନ ଉପସ୍ଥାପିତ କରିଛନ୍ତି । ଆଇନର ଉଦ୍ଦେଶ୍ୟ ଯେ ହିନ୍ଦୁମାନେ ଏଣିକି ଲୋକାଲରେ ଆଇନ ଅନୁଯାୟୀ ବିବାହ ବନ୍ଧନରୁ ମୁକ୍ତି ଲାଭ କରି ପାରିବେ । ଏ ପ୍ରସ୍ତାବ ଏକ କମିଟି ଗଠିତ ହୋଇ କମିଟିର ବିଚାର ନିମନ୍ତେ ସ୍ଥିର ହୋଇଛି । କମିଟି ବିଚାର ବାଦ କମିଟି ରିପୋର୍ଟ ସହିତ ପୁଣି ବ୍ୟବସ୍ଥାପକ ସଭାରେ ଉପସ୍ଥାପିତ ହେବ ।

---

## ସିଂହଳ ଦ୍ୱୀପରେ ଅବର୍ମା

ସିଂହଳ ଦ୍ୱୀପରେ ବର୍ତ୍ତମାନ ଅବର୍ମାଙ୍କ ସଂଖ୍ୟା ଏକଲକ୍ଷରୁ ଅଧିକ, ସେଠା ସରକାର ଏ ଅବର୍ମାଙ୍କ ଭୋଟ ନାହିଁ ବୋଲି ସ୍ଥିର କଲେ ।

---

## କସ୍ତୁରୀବାଈଙ୍କ ଜେଲଦଣ୍ଡ

ବୋରସଦ ତାଲୁକର ରସଗ୍ରାମରେ ଶ୍ରୀମତୀ କସ୍ତୁରୀବାଈ ଗାନ୍ଧି ଅନ୍ୟ ୬ ଜଣ ମହିଳାଙ୍କ ସହିତ ଗିରଫ ହୋଇଥିଲେ ଗତ ୪ ତାରିଖରେ । ସେଠା ମାଜିଷ୍ଟ୍ରେଟଙ୍କ ବିଚାରରେ ତାଙ୍କୁ ୬ ମାସ ଜେଲ ଦଣ୍ଡର ହୁକୁମ ହୋଇଛି ।

---

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା

ଫେବୃୟାରୀ ତା ୧୧ ରିଖ ଶନିବାର

## ଉତ୍କଳ ନେତୃ ସମ୍ମିଳନୀ

ଆଗାମୀ ରବିବାର ଦିନ କଟକରେ ନେତୃ ସମ୍ମିଳନୀର ବୈଠକ ବସୁଅଛି । ସ୍ୱତନ୍ତ୍ର ପ୍ରଦେଶ ଘୋଷଣା ପରେ ଏପରି ଏକ ସମ୍ମିଳନୀର ପ୍ରୟୋଜନୀୟତା ଉପଲବ୍ଧି କରାଯାଇଥିଲା । ଏଥି ନିମିତ୍ତ ଆମ୍ଭେମାନେ ଉଦ୍ୟୋକ୍ତାମାନଙ୍କୁ ଧନ୍ୟବାଦ ଦେଉଅଛୁ । ଇତି ମଧ୍ୟରେ ସମ୍ବାଦ ପତ୍ରମାନଙ୍କରେ କେତେକ ଆଲୋଚନା ଚାଲୁଅଛି । "ସ୍ୱତନ୍ତ୍ର-ପ୍ରଦେଶ ବାର୍ତ୍ତା" ଗତ ସପ୍ତାହ ଉତ୍କଳ ଦୀପିକାରେ ତାଙ୍କର ଯାହା ମତ ବା ସନ୍ଦେହର ସୂଚନା ଦେଇଥିଲେ ତାହା ପାଠକମାନଙ୍କୁ ବିଦିତ ଥିବ । ଆମ୍ଭ ଦେଶର ଲୋକେ କଲ ନ ଦେଖୁଣୁ ଲଙ୍ଗଳା ହେଉଛନ୍ତି କାହିଁକି ? କର ବୃଦ୍ଧି ବା ପ୍ରଜାଙ୍କର ଆର୍ଥିକ ବା ରାଜନୈତିକ ଅବସ୍ଥା ବିଷୟ ଭାରତୀୟ ଆନ୍ଦୋଳନର ଆଲୋଚ୍ୟ ବିଷୟ, ସେ ସମ୍ବନ୍ଧରେ ଯେ ଆନ୍ଦୋଳନ ଓଡ଼ିଶାରେ ଚାଲିଅଛି ବା ଚାଲିବ ତାହା ଭାରତୀୟ ଆନ୍ଦୋଳନର ଏକାଂଶ ମାତ୍ର । ଏହା ବୋଲି ଯେ ଆମ୍ଭେମାନେ କୌଣସି ସର୍ତ୍ତ ରଖି ପ୍ରଦେଶ ଗ୍ରହଣ କରିବୁ ସେଟା ଉଚିତ ନୁହେଁ । ସ୍ୱତନ୍ତ୍ର ପ୍ରଦେଶ ଆମ୍ଭର ଆବଶ୍ୟକ, ତାହା ନହେଲେ ଆମ୍ଭମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧିତ ହେବନାହିଁ । କେତେକାଳ ବା ଆମ୍ଭେମାନେ ବିହାର ବା ମାନ୍ଦ୍ରାଜର ସନ୍ତାନବୁଦ୍ଧି ବା ଅର୍ଥ ସାହାଯ୍ୟ ଉପରେ ନିର୍ଭର କରି ଚଳିବୁ । ଅତଏବ ସ୍ୱତନ୍ତ୍ର-ପ୍ରଦେଶ ଅତ୍ୟାବଶ୍ୟକ ଓ ବାଞ୍ଛନୀୟ ତ ନହେଁ ଏଥିର ପ୍ରସଙ୍ଗ ଆଉ ଉତ୍ଥାପନ କରିବାର ନୁହେଁ । ସ୍ୱତନ୍ତ୍ର-ପ୍ରଦେଶ ସର୍ବାଦୌ ବିନା ସର୍ତ୍ତରେ ଯେବେ ବାଞ୍ଛନୀୟ ତେବେ ବର୍ତ୍ତମାନ ମୁହୂର୍ତ୍ତରେ ଦେଶବାସୀର କର୍ତ୍ତବ୍ୟ କଣ ? ଆମ୍ଭମାନଙ୍କର କର୍ତ୍ତବ୍ୟ ହେଉଅଛି ଯେପରି ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶା ଅନ୍ତର୍ଭୁକ୍ତ ହେବ ସେଥିପାଇଁ ଆନ୍ଦୋଳନ ପରିଚାଳନ କରିବା । ଏ ସମ୍ବନ୍ଧରେ ବାହାର ଓଡ଼ିଶାରେ ଓ ପ୍ରାନ୍ତୀୟ ଓଡ଼ିଆ ଅଞ୍ଚଳମାନଙ୍କରେ ଜନମତ ଗଠନ କରି ଅତି ଅଳ୍ପ ସମୟ ମଧ୍ୟରେ ଆମ୍ଭମାନଙ୍କ ଶେଷ-ଦାବୀ ଭାରତ ସରକାର ଓ ଭାରତ ସଚିବଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ହେବ ସେଥିପାଇଁ ନେତୃ ସମ୍ମିଳନୀର ଉଦ୍ୟମ ହେବା ଉଚିତ ।

ଆମ୍ଭମାନଙ୍କ ମତରେ ବର୍ତ୍ତମାନ ଗୋଟିଏ ବଡ଼ ଧରଣର ସମ୍ମିଳନୀ ଆବଶ୍ୟକ ନୁହେଁ । ତାହା-ଦ୍ୱାରା ବିଶେଷ କିଛି କାର୍ଯ୍ୟ ହେବନାହିଁ । ଯେତେବେଳେ ଦେଶବାସୀ ଏକସ୍ୱରରେ ସ୍ୱାତନ୍ତ୍ର୍ୟ ଚାହିଁବାର କଥା ଆସୁଅଛନ୍ତି ସେତେବେଳେ ସେ ସମ୍ବନ୍ଧରେ ଜନମତ ଲୋଡ଼ାନାହିଁ । ବର୍ତ୍ତମାନ ଆମ୍ଭମାନଙ୍କୁ ଦେଶସୀମା ସମ୍ବନ୍ଧରେ ନୂତନ ଓ ପ୍ରବଳ ଅକାଟ୍ୟ ଯୁକ୍ତିମାନ ଦେଖାଇବାକୁ ହେବ । ଯେବେ ଚଳିତମାସ ମଧ୍ୟରେ ସୀମା ନିର୍ଦ୍ଧିଷ୍ଟ ହେବାର ସମ୍ଭବ ଥାଏ ସେଥିର ସୁଦ୍ଧି ତାର ବ୍ୟବସ୍ଥା ଆଗରୁ କରିବାକୁ ହେବ ।

ଓଡ଼ିଶାର ସୀମାନିର୍ଦ୍ଧାରଣ କମିଟି ଯେଉଁ ଯେଉଁ କାରଣରୁ ମେଦିନୀପୁର, ସିଂହଭୂମ ଓ ଦକ୍ଷିଣ ଗଞ୍ଜାମ ଉପକୂଳକୁ ବାଦ ଦେବାକୁ ସୁପାରିସ୍ କରିଅଛନ୍ତି ସେ ସେ କାରଣ ଗୁଡ଼ିକ ଭିତ୍ତିହୀନ ବୋଲି ପ୍ରମାଣ କରିବାକୁ ହେବ ଓ ସେ କାରଣ ଭିତ୍ତିହୀନ ନୁହେଁ ବୋଲି ସ୍ଥିର ହେଲେ ମଧ୍ୟ ଅନ୍ୟାନ୍ୟ ଗୁରୁତର କାରଣମାନ ଦେଖାଇ ସେଗୁଡ଼ିକୁ ଦାବୀ କରିବାକୁ ହେବ ଓ ଓଡ଼ିଶାର ଶାସନ ସଚଳ ଓ ଆର୍ଥିକ ଅବସ୍ଥା ହେବ ଏ ବିଷୟରେ ମଧ୍ୟ ସୂଚନା ଦେଖାଇ ଦାବୀ ଉପସ୍ଥାପିତ କରିବାକୁ ହେବ । ଆଶା କରୁ ଏ ନେତୃ ସମ୍ମିଳନୀ ଏ ବିଷୟରେ ବିହିତ ବନ୍ଦୋବସ୍ତ କରି ଏ ସବୁ ସ୍ଥଳରେ ଉତ୍କଳର ଆଶା ପୂର୍ତ୍ତି କରାଇବାର ଚେଷ୍ଟା କରିବେ ଏବଂ ମଧ୍ୟ ଭାରତ ସଚିବଙ୍କୁ ଜଣାଇଦେବାକୁ ହେବ ଯେ କେବଳ ସ୍ୱତନ୍ତ୍ରପ୍ରଦେଶ ଘୋଷଣାରେ ଓଡ଼ିଆଜାତି ସନ୍ତୁଷ୍ଟ ନୁହେଁ । ସମସ୍ତ ବିଚ୍ଛିନ୍ନ ଅଙ୍ଗମାନ ଉତ୍କଳର ଅନ୍ତର୍ଭୁକ୍ତ ହେବାଯାଏ ଏ ଜାତିର ଗୋଟିଏ ତୀବ୍ର ଅଶାନ୍ତି ମନ ମଧ୍ୟରେ ଜାଗିଥିବ ଓ ଓଡ଼ିଶାର ଆର୍ଥିକ ଓ ରାଜନୈତିକ ଉନ୍ନତି ସାଧନନିମନ୍ତେ ସମସ୍ତ ବିଚ୍ଛିନ୍ନାଙ୍ଗମାନ ଶାସନ ସଂସ୍କାର ସଙ୍ଗେ ସଙ୍ଗେ ଉତ୍କଳ ଅନ୍ତର୍ଭୁକ୍ତ କରାଯିବା ଓ କେଉଁ କେଉଁ ସୀମା ଓଡ଼ିଶା ଅନ୍ତର୍ଭୁକ୍ତ ହେଲେ ତାର ବାଣିଜ୍ୟ ଓ ଶିଳ୍ପ ଓ ଶିକ୍ଷା ଓ ଶାସନର ସୁବିଧା ହେବ ତାହା ଉପସ୍ଥାପିତ କରିବା ସମ୍ମିଳନୀର କର୍ତ୍ତବ୍ୟ ।

## ଟିପ୍ପଣୀ

(୧)

ଇତି ମଧ୍ୟରେ ବିହାର ନେତା ସଚ୍ଚିଦାନନ୍ଦ ସିଂହ ବିହାର କାଉନ୍ସିଲରେ ଏକ ପ୍ରସ୍ତାବ ଆଣୁଅଛନ୍ତି ଯେ ବିହାର ଓ ଓଡ଼ିଶାର ବିଚ୍ଛେଦ ଘଟିଲେ ସିଂହଭୂମକୁ ଯେପରି ଛୋଟନାଗପୁର ବିଭାଗ ଅନ୍ତର୍ଭୁକ୍ତ ଥାଇ ବିହାର ସାମିଲରହେ ସେଥିପ୍ରତି ସରକାର ଆହୁରି ବିଚାର କରିବେ । ଅବଶ୍ୟ ଏ ପ୍ରସ୍ତାବଟି ବିହାର କାଉନ୍ସିଲରେ ପାସ ହୋଇଯିବ । ଏହା ବୋଲି ଯେ ଏ ପ୍ରସ୍ତାବଦ୍ୱାରା ଭାରତ ସରକାର ବା ଭାରତସଚିବ ବାଧ୍ୟ ହେବେ ତାହା ନୁହେଁ । ସିଂହଭୂମ ଉପରେ ବିହାରର କେଉଁ ଦାବୀ ବା ଓଡ଼ିଶାର କେଉଁ ଦାବୀ ଏକଥା ବିଚାରର ଭାର ବିହାର ସରକାର ବା ବିହାର ମେମ୍ବରମାନଙ୍କ ଉପରେ ନାହିଁ । ତଥାପି ଏ ସମୟରେ ଏ ପ୍ରସ୍ତାବର ମୂଲ୍ୟ ବା କ'ଣ ?

(୨)

ମାନ୍ଦ୍ରାଜ ଲାଟ ସଭାରେ ପ୍ରସ୍ତାବ ହେଲା ଯେ ଭିଜିଆନଗରମର ଦକ୍ଷିଣାଂଶ ମାନ୍ଦ୍ରାଜରେ ରହିବ । ଯେଉଁଠାରେ ଏକ ପ୍ରଦେଶର ବହୁ ସଂଖ୍ୟକ ଜାତିର ମେମ୍ବର ମାନଙ୍କ ଭୋଟ ଉପରେ ଏକ ପ୍ରସ୍ତାବର ଗ୍ରହଣ ନିର୍ଭର କରେ ସେଠାରେ ସେ ପ୍ରଦେଶର ଅଳ୍ପସଂଖ୍ୟକ ଜାତିର ମେମ୍ବରମାନଙ୍କ ଆପତ୍ତିର ମୂଲ୍ୟ କିଛି ରହେନାହିଁ । କାରଣ ଏପରି କ୍ଷେତ୍ରରେ ବହୁସଂଖ୍ୟକ ଜାତିର ମେମ୍ବରମାନେ ନିରପେକ୍ଷ ହୋଇ ନପାରନ୍ତି । ମାନ୍ଦ୍ରାଜ ପ୍ରସ୍ତାବପରି ବିହାର ପ୍ରସ୍ତାବ ଉଠାଇବାର ଚେତନା ସିଂହଙ୍କ ମୁଣ୍ଡରେ ପଶିଲା ।

ବହୁ ସଂଖ୍ୟକ ଜାତିର ଦାଉ ଧମକରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ଓଡ଼ିଆମାନେ ସ୍ୱାତନ୍ତ୍ର୍ୟ ଦାବୀ କରୁଅଛନ୍ତି ।

(୩)

ପ୍ରାଦେଶିକ ସରକାରମାନଙ୍କର ଏପରି ଅବସ୍ଥାରେ ହସ୍ତକ୍ଷେପ କରିବା ଆବଶ୍ୟକ । ସରକାରମାନେ ବଡ଼ ଅଂଶୀଦାର ତରଫ ଧରି ସାନ ଅଂଶୀଦାର ବିପକ୍ଷରେ ଯିବା ବଡ଼ ଅଯୌକ୍ତିକ । ଉଭୟ ଅଂଶକୁ ସେମାନେ ସମାନ ଭାବରେ ଦେଖିବା ଉଚିତ । ଉଭୟ ପକ୍ଷର ବିଚାରକ ଅଛନ୍ତି । ବରଂ ସାନ ଅଂଶୀଦାର ଯେପରି ବଳରେ ବଳେ ସେଥିପ୍ରତି ନଜର ଦେବା ଦରକାର । ଯାହାର ଦେଇଛି ଅଛି ସେ ଖାଇ ସହିପାରେ । କିନ୍ତୁ ଯାହାର କମ ଅଛି ସେ ଖାଇ ସହିବ କେଉଁଠୁ ?

## ସମ୍ବଲପୁରରେ ବେହାର ଲାଟ

ବେହାର ଓଡ଼ିଶା ପ୍ରଦେଶର ଗଭର୍ଣ୍ଣମେଣ୍ଟ ସାର୍ ଜେମସ ସିଫ୍ଟନ ଫେବ୍ରୁଅରୀ ପହିଲା ସକାଳ ୯ଟା ସମୟରେ ସମ୍ବଲପୁରରେ ପହଞ୍ଚିଲେ । ସାଢ଼େ ଦଶଟା ସମୟରେ ଗୋଟିଏ ସରକାରୀ ଦରବାର ଭିକ୍ଟୋରିଆ କ୍ଲବରେ ହୋଇଥିଲା । ଡିଷ୍ଟ୍ରିକ୍ଟ କାଉନ୍ସିଲ ଓ ମ୍ୟୁନିସିପାଲିଟି ତରଫରୁ ଲାଟ ମହୋଦୟଙ୍କୁ ଅଭିନନ୍ଦନ ଦିଆ ଯାଇଥିଲା । ସାଢ଼େ ଦୁଇଟା ସମୟରେ ଜିଲ୍ଲା ସ୍କୁଲରେ ପୁରସ୍କାର ବିତରଣ କରିଥିଲେ । ସେହିଦିନ ସନ୍ଧ୍ୟାରେ ଲାଟସାହେବଙ୍କ ଆଗମନ ଉପଲକ୍ଷେ କୋଡ଼ାସମ୍ବରର ରାଜା ଏକ ଉଦ୍ୟାନ ଭୋଜନର ବ୍ୟବସ୍ଥା କରିଥିଲେ ।

ଦୁଇ ତାରିଖ ଦିନ ସାହେବ ମହୋଦୟ ବୋଲାଙ୍ଗିର ଅଭିମୁଖେ ଯାତ୍ରା କରିଥିଲେ ।

## ମୟୂରଭଞ୍ଜରେ ଲାଟସାହେବ

ବେହାର ଓଡ଼ିଶାର ଲାଟସାହେବ ଫେବୃଅରୀ ୬ ତାରିଖରେ ମୟୂରଭଞ୍ଜ ଷ୍ଟେଟର ପ୍ରଧାନ ସହର ବାରିପଦାକୁ ଆଗମନ କରିଥିଲେ । ମ୍ୟୁନିସିପାଲିଟି ତାଙ୍କୁ ଅଭିନନ୍ଦନ ପତ୍ର ଦାନ କରି ଅଭ୍ୟର୍ଥନା କରିଥିଲେ । ଲାଟସାହେବଙ୍କ ଆଗମନ ଉପଲକ୍ଷେ ମ୍ୟୁନିସିପାଲିଟି ତରଫରୁ ସହର ତମାମ ସଫା ସୁତୁରା ହୋଇ ନାନା ଉତ୍ସବ ପତାକା ଉଡ଼ାଇ ହୋଇଥିଲା । ଆମୋଦ ପ୍ରମୋଦ, ଶିକାର, ମଜଲିସର ବିଶେଷ ବ୍ୟବସ୍ଥା ହୋଇଥିଲା । ମଫସଲରୁ ନାନାଦି ଖାଦ୍ୟ ସାମଗ୍ରୀମାନ ଆସି ମ୍ୟୁନିସିପାଲିଟି ପଡ଼ିଆରେ ନୂତନ ଗୃହ ତିଆରି ହୋଇ ଜମା ରଖା ଯାଇଥିଲା ।

## ସରକାରୀ କର୍ମ୍ମଚାରୀ ବନ୍ଦି

ଓଡ଼ିଶା ପଲିଟିକାଲ ଏଜେଣ୍ଟଙ୍କ ଅଫିସର ନାଜର ବାବୁ ନିତ୍ୟାନନ୍ଦ ପଣ୍ଡା ସରକାରୀ ତହବିଲ ତୋସରପାତରେ ଅଭିଯୁକ୍ତ ହୋଇଥିଲେ । ବିଚାରରେ ତାଙ୍କୁ ୨ ବର୍ଷ କାରାବାସ ଏବଂ ଆଠ ହଜାର ଟଙ୍କା ଜୋରିମାନା ହୋଇଅଛି । ଜୋରିମାନା ଟଙ୍କା ନ ଦେଇ ପାରିଲେ ପୁଣି ଦେଢ଼ ବର୍ଷ ଜେଲ ଯିବେ ।

## ଦଫାଦାର ପଦ ଉଠିଯିବ

ଏଣିକି ଆଉ ଦଫାଦାର ପଦ ରହିବ ନାହିଁ ବୋଲି ଶୁଣାଯାଉଛି । ସରକାର ଭାବନ୍ତି ଯେ ଦଫାଦାର ରଖିବାର କୌଣସି ପ୍ରୟୋଜନୀୟତା ନାହିଁ । ଦଫାଦାର କାର୍ଯ୍ୟ ଚୌକିଦାର ମାନଙ୍କ ଦ୍ୱାରା ଚଳିଯିବ ।

## ସିନ୍ଧୁ ପ୍ରଦେଶରେ ଲାଟ

ଶୁଣାଯାଏ ଗୁଜବ ଯେ ବମ୍ବେ ଲାଟ ସାହେବଙ୍କ ମନ୍ତ୍ରୀ ପରିଷଦର ମେମ୍ବର ସାର ଗୁଲାମ ହୁସେନ ସିନ୍ଧୁ ପ୍ରଦେଶର ଲାଟ ହେବେ ।

Digitized by srujanika@gmail.com

Split by PDF Splitter



41

# କଟକ

## ରେଭେନ୍ସା କଲେଜ ବାର୍ଷିକ ଉତ୍ସବ

କଟକ, ୫।୨।୩୭

ଆଜି କଟକ ରେଭେନ୍ସା କଲେଜର ବାର୍ଷିକ ଉତ୍ସବ ହୋଇଥିଲା। ଉତ୍କଳର ଚାରୁକାର୍ଯ୍ୟ ଏବଂ ଶିଳ୍ପ ଦ୍ରବ୍ୟ ପ୍ରଭୃତିର ପ୍ରଦର୍ଶନୀ ମଧ୍ୟ ହୋଇଥିଲା।

ସନ୍ଧ୍ୟାରେ ପୁରାତନ ଛାତ୍ର ସଂଘର ବୈଠକ କଲେଜ ହଲରେ ଆରମ୍ଭ ହେଲା। ଶ୍ରୀବାବୁ ବୈକୁଣ୍ଠ ନାଥ ଦେ ସଭାପତି ହୋଇଥିଲେ। ପ୍ରାୟ ୨୦୦ ଲୋକ ଯୋଗ ଦେଇଥିଲେ। ଖାଇବା ଓ ଆମୋଦ ଶେଷ ହୋଇଥିଲା। କଲେଜ ପକ୍ଷରୁ ଆଲିଗଡ଼ ମୁସଲମାନ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ଡାକ୍ତର ରସମସୁଦ ଏବଂ କଲିକତା ବିଶ୍ୱବିଦ୍ୟାଳୟର ଇସଲାମିକ ଅଧ୍ୟାପକ ଡାକ୍ତର ଏମ, ଜେ, ସେନ ବିଶେଷ ଭାବରେ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ। ସହରର କେତେ ଭଦ୍ରଲୋକ ଏବଂ ମହିଳା ଯୋଗ ଦେଇଥିଲେ। ପହିଲମାନ ଶ୍ରୀ ପଦ୍ମଚରଣ ଦାସ ଓ ମାନ୍ଦ୍ରାଜର ଜଣେ ପହିଲମାନ କସରତ କରିଥିଲେ। ଟେନିସ ଖେଳ, ଜଳ ଯୋଗ ଏବଂ ଫଟୋ ଉଠିଲା ପରେ ୭ଟା ସମୟରେ ସାଧାରଣ ସଭାର କାର୍ଯ୍ୟ ଆରମ୍ଭ ହୋଇଥିଲା। କଲେଜ ଅଧ୍ୟକ୍ଷ ମିଃ, ଫୁଲକ ଏ ଉତ୍ସବର ବିଶିଷ୍ଟ ଅତିଥି ଡାକ୍ତର ଧସୁଦ ଲସ ମସୁଦଙ୍କୁ ଅଭିବାଦନ କରି କଲେଜ କାର୍ଯ୍ୟର ବିବରଣୀ ଏବଂ କଲେଜର ଇତିହାସ ପାଠ କରିଥିଲେ। ଏହାପରେ ଡାକ୍ତର ମସୁଦ କହିଲେ, "ମୁଁ କଟକରେ ନୂଆ ନୁହେଁ। ଷୋଳବର୍ଷ ପୂର୍ବେ ଏ କଲେଜରେ ମୁଁ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିଲି। ଏହାପରେ କେତେବର୍ଷ ବିତି ଗଲାଣି, କେତେ ନୂଆ ପରିବର୍ତ୍ତନ ହେଲାଣି, କେତେ ନୂଆ ବିଶ୍ୱବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନ ଗଢ଼ା ହେଲାଣି। କିନ୍ତୁ ଦୁଃଖର କଥା ଏ ଅନୁଷ୍ଠାନମାନ ଠିକ ସେହି ପୁରୁଣା ବିଦେଶୀ ଛାଞ୍ଚରେ ଗଢ଼ା। ଏପରି ବିଦେଶୀ ଅନୁକରଣରେ ଗଢ଼ା ଅନୁଷ୍ଠାନମାନ ଜାତୀୟ ଜୀବନ ଏବଂ ଜାତୀୟ ଶିକ୍ଷାର ବିକାଶର ଅନ୍ତରାୟ। ବ୍ୟବସ୍ଥାପକ ସଭାର ସଭ୍ୟମାନେ ଆଇନ ତିଆରି କରନ୍ତି କିନ୍ତୁ ଜାତୀୟ ଶିକ୍ଷା ଏବଂ ଚରିତ୍ର ଗଢ଼ନ୍ତି ନାହିଁ। ବିଶ୍ୱବିଦ୍ୟାଳୟ ଜାତି ଗଠନ କରେ। ଏ ଭାରତବର୍ଷରେ ଅତି ବିଦେଶୀ ଇଂରେଜୀ ଭାଷା ପ୍ରବେଶ କରି ସେହି ୨ହଜାର ମାଇଲ ଦୂରବର୍ତ୍ତୀ ଭାଷା ସାହାଯ୍ୟରେ ଯେ ଶିକ୍ଷା ଦିଆଯାଉଅଛି ସେଥିରେ ଜାତୀୟ ବିକାଶ ସମ୍ଭବ ନୁହେଁ। ମାତୃଭାଷା ସାହାଯ୍ୟରେ ଶିକ୍ଷା ନଦେଲେ ପ୍ରକୃତ ମାନସିକ ବିକାଶ ଅସମ୍ଭବ। ଭାରତର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ବର୍ତ୍ତମାନ ପରିବର୍ତ୍ତନ କରିବା ଏତେପର କରିବା ଆବଶ୍ୟକ। ହାଇଦରାବାଦର ଓସମାନିଆ ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ହିନ୍ଦୁସ୍ଥାନୀରେ ସବୁପ୍ରକାର ଶିକ୍ଷା ଦିଆଯାଉଅଛି। ଆପଣମାନଙ୍କର ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାଣି। ଓଡ଼ିଆ ଭାଷା ଓ ଓଡ଼ିଶା ଇତିହାସର ବିଶେଷ ଚର୍ଚ୍ଚା କରାଇବା ଦରକାର। ଅଳ୍ପ କେତେକ ବର୍ଷ ଇଂରେଜୀ ଭାଷା ପଢ଼ି ଭାରତର ଯେ ଅବସ୍ଥା ଭାରତରେ ଲୋକେ ମେଡ଼ିକଲ ଆଦି କୌଣସି ବିଦେଶୀ ଭାଷାରେ ଶିକ୍ଷା ପାଇଥାନ୍ତି ସେମାନଙ୍କ ଅବସ୍ଥା ଦକ୍ଷସ୍ଥ ଅନ୍ୟମାନଙ୍କ ଠାରୁ ଖରାପ ହୋଇଥାଏ। ଜାପାନ ଓ ଅଷ୍ଟ୍ରିଆ ଇତ୍ୟାଦି ଦେଶରେ ମାତୃଭାଷା ସାହାଯ୍ୟରେ ଶିକ୍ଷାଦାନ କରିବା। ଇଂରାଜୀ ଭାଷା ପଢ଼ିବାରେ ଅବଶ୍ୟ ବିଭିନ୍ନ ଦେଶର ଜ୍ଞାନ ଓ ଭାବ ଆମ୍ଭେମାନେ ପାଇପାରୁଥାଉ କିନ୍ତୁ ଏହାଦ୍ୱାରା ପ୍ରକୃତ ଶିକ୍ଷା ହୋଇନାହିଁ। ଭାରତର ଶିକ୍ଷିତ ଲୋକଙ୍କ ଘରକୁ ଗଲେ ଦେଖିବ ବିଦେଶୀ ଜିନିଷରେ ସବୁ ଭର୍ତ୍ତି, ଏ ଦୃଶ୍ୟ ଅତି ଅଶୋଭନ। ଶସ୍ତା ବୋଲି ଯେଉଁମାନେ ବିଦେଶୀ କିଣନ୍ତି ତାଙ୍କୁ ମୋତେ ଲଜ୍ଜା ଲାଗେ। ଜାପାନରେ କୌଣସି ଜାପାନୀ ଭଦ୍ରଲୋକ ଘରକୁ ଯାଇ ଦେଖିବ ଜାପାନ ତିଆରି ପଦାର୍ଥ ବ୍ୟତୀତ ଅନ୍ୟ ବିଦେଶୀ ତିଆରି ପଦାର୍ଥ କିଛି ନାହିଁ। ଆମ ଦେଶରେ ବିଦେଶୀ ଭାଷା ସାହାଯ୍ୟରେ ଶିକ୍ଷା ଦେବାର ଏହି ଫଳ ଘଟୁଛି। ଏ କଥାରେ କେହି ଯେପରି ନ ଭାବନ୍ତି ଯେ ମୁଁ ବିଦେଶୀର ଘୃଣା କରିବାକୁ କହୁଛି। ତାହା ନୁହେଁ, କେହି କାହାକୁ ଘୃଣା କରିବାଟା ଅନ୍ୟାୟ। ଜାତୀୟ ବିକାଶ ଓ ଗଠନରେ ଘୃଣାର ସ୍ଥାନ ନାହିଁ, କୌଣସି ଜାତି ଅପରକୁ ଘୃଣାକରି ବଡ଼ ହୋଇ ପାରନ୍ତି ନାହିଁ। ଆମ ଦେଶରେ ସାମ୍ପ୍ରଦାୟିକ ବିବାଦର କାରଣ କ'ଣ? ଜାତୀୟ ଶିକ୍ଷାର ଅଭାବ ଏଥିର ଏକମାତ୍ର କାରଣ। ହିନ୍ଦୁ, ମୁସଲମାନ ପ୍ରଭୃତି ଯେଉଁମାନେ ଏ ଦେଶରେ ବାସ କରୁଛନ୍ତି ସେମାନେ ପରସ୍ପରର ଧର୍ମ ଓ ଇତିହାସକୁ ଜାଣିବାର ଠିକ ଶିକ୍ଷା ସୁବିଧା ନପାଇବାରୁ, ବ୍ୟାପକ ଜାତୀୟ ଭାବରେ ନୈତିକ ଶିକ୍ଷା ଦେବାର ବ୍ୟବସ୍ଥା ନ ହେବାରୁ ଏପରି ସାମ୍ପ୍ରଦାୟିକ ମତାନ୍ତର ମତଭେଦ ଘଟୁଛି। ଏଦେଶର ପ୍ରଜାତନ୍ତ୍ରର ନୂତନ ଯୁଗରେ ଜାତୀୟ ଶିକ୍ଷା ନୂଆ ଛାଞ୍ଚରେ ଗଢ଼ିବାକୁ ହେବ।

## ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ ବିଲାତରୁ ଫେରିଲେ

୫।୨।୩୭

ଭାରତ ବ୍ୟବସ୍ଥାପକ ସଭାର ସମ୍ମାନିତ ସଭ୍ୟ ଏବଂ ଉତ୍କଳର ଅକ୍ଳାନ୍ତ-କର୍ମୀ ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ ଆଜି ମେଲ ଗାଡ଼ିରେ ବିଲାତରୁ କଲିକତା ବାଟେ ଫେରିଲେ। ସେ ପୁଣି ସଙ୍ଗେ୨ ପାରଲା ଖେମଣ୍ଡି ରାଜାଙ୍କ ଅନୁରୋଧରେ ତାଙ୍କ ସହିତ ସାକ୍ଷାତ ଉଦ୍ଦେଶ୍ୟରେ ଦିନ ୧୨ ଗାଡ଼ିରେ ପାରଲା ଖେମଣ୍ଡି ଯାତ୍ରା କଲେ। ୧୩ ତାରିଖରେ ପୁଣି ଫେରିବେ।

## ନେତା ସମ୍ମିଳନୀ କଟକରେ ବସିବ

ଫେବୃୟାରୀ ୧୨ ତାରିଖରେ କନିକା କୋଠିରେ ଉତ୍କଳର ନେତାମାନଙ୍କର ଗୋଟିଏ ବୈଠକ ହେବ। ଉତ୍କଳ ସ୍ୱତନ୍ତ୍ର ପ୍ରଦେଶର ସୀମା ବିଷୟରେ ଆଲୋଚନା ହେବ।

ଉତ୍କଳ ସମ୍ମିଳନୀର ଯେ ଅଧିକା ଅଧିବେଶନ ହେବାର ଥିଲା ତାହା ବର୍ତ୍ତମାନ ପାଇଁ ବନ୍ଦ ରହିଲା।

## ମାଲବ୍ୟଜୀ ବେମାର

ପଣ୍ଡିତ ମଦନମୋହନ ମାଳବ୍ୟ ବର୍ତ୍ତମାନ ଜ୍ୱର ରୋଗରେ ବିଶେଷ ଭାବରେ ପୀଡ଼ିତ ଅଛନ୍ତି। ଡାକ୍ତର ପରାମର୍ଶ ଅନୁସାରେ ସେ ବିଶ୍ରାମ ନେଉଛନ୍ତି।

# ବିଖ୍ୟାତ ବୈଜ୍ଞାନିକ ଗ୍ରିଗରି ଭାରତକୁ ଆସିଛନ୍ତି

ବିଖ୍ୟାତ ବୈଜ୍ଞାନିକ ଏବଂ ପ୍ରକୃତି କାଗଜର ସମ୍ପାଦକ ସାର ରିଚାର୍ଡ ଗ୍ରିଗରି ସ୍ତ୍ରୀଙ୍କ ସହିତ ଆଗମନ କରି କଲିକତା ନଗରୀରେ ଅବସ୍ଥାନ କରୁଛନ୍ତି। କଲିକତା ବୋଷ ଇନଷ୍ଟିଚ୍ୟୁଟ ପରିଦର୍ଶନ ପରେ ବିଜ୍ଞାନ ବିଷୟରେ ସାର ଜଗଦୀଶଚନ୍ଦ୍ର ବୋଷଙ୍କ ସହିତ ଆଲୋଚନା କରୁଛନ୍ତି। ବେଙ୍ଗଲ କେମିକେଲର କାରଖାନା ଇତ୍ୟାଦି ମଧ୍ୟ ସେ ଦେଖିଛନ୍ତି। ସାର, ସି, ଭି, ରମନ ଏବଂ ସର ପି, ସି, ରାୟଙ୍କ ସହ ମଧ୍ୟ ନାନାଦି ବିଷୟରେ ଆଲୋଚନା କରିଥିଲେ।

## ପାଟନା ରାଜାଙ୍କ ରାଜ୍ୟପ୍ରାପ୍ତି

ପାଟନାର ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କର ଫେବୃଆରୀ ଛଅ ତାରିଖରେ ରାଜ୍ୟାଭିଷେକ ପର୍ବ ଅନୁଷ୍ଠିତ ହୋଇଥିଲା। କେହାର ଓଡ଼ିଶାର ଲାଟ ସାର ଜନ ହବାକ ମହୋଦୟ ଏ ଉତ୍ସବରେ ଯୋଗଦେଇ ସରକାରଙ୍କ ତରଫରୁ ଘୋଷଣା କରିଥିଲେ ଯେ ପାଟନାର ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କୁ ରାଜ୍ୟଶାସନ କ୍ଷମତା ସରକାର ଦେଲେ। ଲାଟସାହେବ ଦରବାରରେ କହିଥିଲେ, "ମହାରାଜା ସାହେବ ତୁମ ବାପା ତୁମକୁ ୧୯୨୨ରେ ପୋଷ୍ୟପୁତ୍ର ଗ୍ରହଣ କଲେ। ୧୯୨୪ରେ ସେ ପ୍ରାଣତ୍ୟାଗ କରିଥିଲେ। ତୁମ୍ଭେ ମଧ୍ୟ ସେହିବର୍ଷ ଏ ରାଜ୍ୟର ରଜାହୋଇ ଆଜମିରରେ ପାଠ ପଢ଼ିଲ। ସେ କଲେଜରେ ତୁମର ଖୁବ୍ ପାଠପଢ଼ା ଏବଂ କ୍ରୀଡ଼ା ଉଭୟ ବିଷୟରେ ଖୁବ ସୁନାମ ହୋଇଛି। ସମସ୍ତେ ଆଶା କରନ୍ତି ଏବଂ ମୁଁ ମଧ୍ୟ ବିଶେଷ ଆଶା କରେ ତୁମ୍ଭେ ରାଜ୍ୟଶାସନରେ ମଧ୍ୟ ସେପରି ସେହିପରି ସୁନାମ ଅର୍ଜନ କରିବ। ତୁମ୍ଭ ରାଜ୍ୟ ଓଡ଼ିଶାରେ ସବୁଠାରୁ ପ୍ରଧାନ ରାଜ୍ୟ। ତୁମ୍ଭେ ସେପରି ବଂଶମର୍ଯ୍ୟାଦା ରକ୍ଷାକରି ସମସ୍ତଙ୍କଠାରୁ ପ୍ରଧାନ ହେବ।"

## ସିନ୍ଧୁକୁ ସ୍ୱତନ୍ତ୍ର କରନାହିଁ ସିନ୍ଧୁ ହିନ୍ଦୁଙ୍କର ଦାବି

ବୋମ୍ବେଠାରୁ ସିନ୍ଧୁ ପ୍ରଦେଶ ଅଲଗା ହେବାର ସ୍ଥିର ହୋଇଛି। ଶୀଘ୍ର ସିନ୍ଧୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ଗଠିତ ହେବ। କିନ୍ତୁ ସେଠା ହିନ୍ଦୁ ଅଧିବାସୀମାନେ ଏ ପ୍ରସ୍ତାବ ବିରୁଦ୍ଧରେ ଘୋରତର ଆପତ୍ତି କରୁଛନ୍ତି। ତାଙ୍କ ଆପତ୍ତି ଯେ ସିନ୍ଧୁ ସ୍ୱତନ୍ତ୍ର ହେଲେ ମୁସଲମାନଙ୍କ ପ୍ରଭାବ ସେଠାରେ ଖୁବ ବଢ଼ିଯିବ।

## ସୁଭାଷବୋଷ ୟୁରୋପ ଯିବେ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ

ବନ୍ଦି କବଳରୁ ଖଲାସ ଯେ ବଙ୍ଗଳା ସରକାର ଶ୍ରୀ ସୁଭାଷଚନ୍ଦ୍ର ବୋଷଙ୍କୁ ସ୍ୱାସ୍ଥ୍ୟଉନ୍ନତି ପାଇଁ ବିଲାତ ଯିବାକୁ ଅନୁମତି ଦେଇଛନ୍ତି।

ସୁଭାଷବୋଷଙ୍କ ଭାଇ ଡାକ୍ତର ସୁନୀଲ ବୋଷ ପ୍ରକାଶ କରିଛନ୍ତି ଯେ ଫେବୃଆରୀ ୨୩ ତାରିଖରେ ଶ୍ରୀ ସୁଭାଷବୋଷ ବୋମ୍ବାଇଠାରୁ ଭିଏନାଯାତ୍ରା କରିବେ।

Digitized by srujanika@gmail.com

Split by PDF Splitter



# ଟେଲିଶାର

## ଜର୍ମାନି ରାଜ୍ୟକୁ ଫେରସ୍ତରେ ନାହିଁ

ଏଙ୍କରୁ ପ୍ରକାଶ ଯେ ଇଂଲଣ୍ଡ ଯେ ଜର୍ମାନସାମ୍ରାଜ୍ୟର ଲୁପ୍ତପୂର୍ବ ସମ୍ରାଟ ଜର୍ମାନ ରାଜ୍ୟକୁ ପ୍ରତ୍ୟାଗମନ କରି ରାଜ୍ୟଫେରସ୍ତ ପାଇବାକୁ ଚେଷ୍ଟା କରୁଛନ୍ତି । ହିଟଲର ଦଳର ମୁଖପତ୍ର ବର୍ତ୍ତମାନ ପ୍ରକାଶ କରୁଛନ୍ତି ଯେ ଏ କଥାର ମୂଲ୍ୟ କିଛିନାହିଁ । ହିଟଲର ଜୀବିତଥିବା କୌଣସି କର୍ତ୍ତା ଏ ଜଗତରେ ଉଠିବାକୁ ଭାବନ୍ତି, ଲୋକ ସାଧାରଣ ଯଦି ତାଙ୍କର ଫେରି-ଆସି ରାଜ୍ୟଶାସନ କରିବାକୁ ଚାହିଁବେ ତାଙ୍କୁ ଅନୁରୋଧ କରିବେ ତାହାହେଲେ ସେ ଫେରି ଆସିବେ, ନଚେତ ସେ ଯେଉଁଠାରେ ଅଛନ୍ତି ସେହି ହଲାଣ୍ଡ ରାଜ୍ୟରେ ନିର୍ବାସିତ ରହିବେ ।

## ଯୁକ୍ତରାଜ୍ୟ ସରକାରଙ୍କ ବସ୍ତ୍ର ସାହାଯ୍ୟ

ଆମେରିକା ଯୁକ୍ତରାଜ୍ୟ ସରକାର ଆମେରିକାର ପଞ୍ଚ ଅଧିବାସୀ ଯେଉଁମାନେ ଲୁଗାପଟା କିଣି ଶୀତ କଷ୍ଟରୁ ରକ୍ଷା ପାଇବାର ସମ୍ବଳ ନାହିଁ ଏହି ପ୍ରକାର ଲୋକମାନଙ୍କ ନିମନ୍ତେ ଅନେକ ଟଙ୍କାର ଲୁଗା କିଣି ବାଣ୍ଟିବାର ବ୍ୟବସ୍ଥା କରୁଛନ୍ତି । ଦେଶର ଆର୍ଥିକ ଦୁରବସ୍ଥା ଲୋକସାଧାରଣଙ୍କୁ ଅମେରିକାରେ କାଙ୍ଗାଳ କରିଦେଇଛି, ଅନେକ ଲୋକ କାମ ନପାଇ ଅକର୍ମା ହୋଇ ବସିଛନ୍ତି ।

## ଗିରିଶୃଙ୍ଗ ଆରୋହଣ

ହିମାଳୟର ଗିରିଶୃଙ୍ଗ ଉପର ଦେଇ ଉଡ଼ାଜାହାଜ ଚଳାଇବା ନିମନ୍ତେ ଉଦ୍ୟମ ଲାଗିଛି । ଏ ଉଦ୍ଦେଶ୍ୟରେ ବିଲାତରୁ ଦୁଇଖଣ୍ଡ ନୂଆ ଉଡ଼ାଜାହାଜ ଭାରତକୁ ଅଣା ହୋଇଛି ।

(ପ୍ରାପ୍ତ)

## ସ୍ୱତନ୍ତ୍ର ଉତ୍କଳ

ଉକ୍ତ ସଭାରେ ଡେଲେଗେଟ ଲୋକ ମତବ୍ୟକ୍ତ କରୁଅଛନ୍ତି କି ସମୁଦାୟ ଓଡ଼ିଆଅଞ୍ଚଳ ସ୍ୱତନ୍ତ୍ର-ପ୍ରଦେଶ ଅନ୍ତର୍ଭୁକ୍ତ ନହେଲେ ସ୍ୱତନ୍ତ୍ରପ୍ରଦେଶ ଉଦ୍ଦେଶ୍ୟ ସଫଳ ହେବାର ନୁହେଁ । ଏହା ଗୋଟାଏ ଚିନ୍ତା ବୁଝିବା ପରି ଜଣାପଡୁଛି ।

ଯେବେ ଆମ୍ଭେ ସ୍ୱତନ୍ତ୍ର ପ୍ରଦେଶ ନନେଉ ତେବେ ହେବ କଣ ? ଯେପରି ବିହାର ସଙ୍ଗେ ଅଛୁ ଠିକ ସେପରି ରହିବ । ଏଥିରେ କି ଓଡ଼ିଆ ଜାତିର ମଙ୍ଗଳ ହେବକି ? ଯେଉଁ ବିହାରୀମାନେ ଏତେ ଦିନ ପର୍ଯ୍ୟନ୍ତ ନେଇ ଏତେ ଦଳ ଉଦ୍ଘୋଷ କରି ଆସିଛନ୍ତି ଓ ଅସହଯୋଗରେ ଓଡ଼ିଆ ଦାବି ଉପେକ୍ଷିତ କରି ଆସିଛନ୍ତି ସେମାନେ ଓଡ଼ିଶାକୁ କୌଣସି କାଳରେ ଭଲ ବ୍ୟବହାର କରିବେ କି ? ବର୍ତ୍ତମାନ ବିହାର ଓ ଓଡ଼ିଶା ମଧ୍ୟରେ ଯେଉଁ ଜମିଦାର ଶ୍ରେଣୀର ସ୍ୱାର୍ଥ ଜଡ଼ିତ ହେଉଛି ତାହା ହେଉଛି କି ? ସେମାନେ ଆଶା କରୁଅଛନ୍ତି ଯେ କ୍ଷୁଦ୍ର ଓଡ଼ିଶାରେ ଜମିଦାରମାନେ ପ୍ରବଳ ହେବେ ଓ ନିଜର ସ୍ୱାର୍ଥ ପ୍ରତି ଲକ୍ଷ୍ୟ ରଖି-ମିଳନ୍ତି ସେମାନେ ତ ସାହସରେ କହୁଥିବେ ଯେ ଉପେକ୍ଷିତ ଓଡ଼ିଆ ଅଞ୍ଚଳ ମିଶିଲେ ଜମିଦାରଙ୍କ ପ୍ରାବଲ୍ୟ କମିଯିବ ? ଜମିଦାର ପ୍ରାବଲ୍ୟରୁ ଓ ଅନ୍ୟାୟରୁ ରକ୍ଷା ପାଇବାର ଉପାୟ ଅଛି । ସେଥି ଲାଗି ଆମ୍ଭମାନଙ୍କୁ ଲୋକମତ ଗଢ଼ିବାକୁ ହେବ । ଏହା ବୋଲି ସେ ଜମିଦାର ପ୍ରାବଲ୍ୟରୁ ରକ୍ଷାପାଇ ନ ପାରିବ ବୋଲି ସ୍ୱତନ୍ତ୍ର ପ୍ରଦେଶ ଗ୍ରହଣ ନାହିଁ "ଘର ପୋଡ଼ୁଥାଉ ପଛକେ ମୂଷା ମରନ୍ତୁ" ଏ ନୀତି ଧରିଲେ ଜାତିର କଲ୍ୟାଣ ସାଧିତ ହେବନାହିଁ ।

ଜାତିର ଆତ୍ମମର୍ଯ୍ୟାଦା ଜ୍ଞାନ ଥିଲେ ବିହାରୀ ମାନ୍ତ୍ରିକମାନଙ୍କର ଅନୁଗ୍ରହ ଉପରେ ନିର୍ଭର କରିବାକୁ ହେବ ନାହିଁ । ନୂତନ ପ୍ରଦେଶରେ ଯେଉଁମାନେ କର ବୃଦ୍ଧିର ଆଶଙ୍କା କରନ୍ତି ସେମାନଙ୍କର ଏକ ଭ୍ରମ ଧାରଣା ଅଛି । ବିହାର ସାମିଲ ଥିଲେ ଯେ ବିହାରୀମାନେ କେବଳ ବିହାର ଉପରେ କର ବୃଦ୍ଧି କରି ଓଡ଼ିଶାକୁ ପୋଷିବେ ଓ ଓଡ଼ିଶାକୁ କର ବୃଦ୍ଧିରୁ ରକ୍ଷା ଦେବେ ଏକଥା ଭାବିବା ବାତୁଳତା । ଆମ୍ଭେ ଯେବେ ଜମିଦ ଶାଳ ଓଡ଼ିଶାର ଜମିଦ ଓ ବିହାରରୁ ଜମିଦ ନାହିଁ ଏକଥା ମଧ୍ୟ ଅସମ୍ଭବ । ଏପରି ଅବସ୍ଥାରେ ଉତ୍କଳ ଦେଶବାସୀଙ୍କ କର୍ତ୍ତବ୍ୟ ସ୍ୱତନ୍ତ୍ର ପ୍ରଦେଶକୁ ଗ୍ରହଣକରି ସୀମା ପ୍ରସାର ନିମନ୍ତେ ସବୁପ୍ରକାରେ ଚେଷ୍ଟା କରିବା ଉଚିତ । କଂଗ୍ରେସ ତ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଘୋଷଣା କରିଅଛି । ସରକାର ତ ଏବେ କଲେ । ଏ ସମୟରେ ସ୍ୱାତନ୍ତ୍ର୍ୟର ଆବଶ୍ୟକତା ବିଷୟ ଆଲୋଚନା କରିବା ସମୟର ବୃଥା ଅପବ୍ୟୟ । ଅତଏବ ସମସ୍ତ ରାଜନୈତିକ ମତାବଲମ୍ବୀମାନଙ୍କର ବର୍ତ୍ତମାନ ସମୟରେ ସୀମା ପ୍ରସାର ସମ୍ବନ୍ଧୀୟ ଜୋରଦାର ଆନ୍ଦୋଳନ ଚଳାଇବା ଏକ ମାତ୍ର କର୍ତ୍ତବ୍ୟ ।

"ଓଡ଼ିଆ ଯୁବକ"

## ଭାରତ ବ୍ୟବସ୍ଥାପକ ସଭାରେ ବଡ଼ଲାଟଙ୍କ ଘୋଷଣା

ବଡ଼ଲାଟ ଲର୍ଡ ଲିନଲିଥଗୋ ବ୍ୟବସ୍ଥାପକ ସଭା ବୈଠକ ଆରମ୍ଭରେ ଗତ ଫେବ୍ରୁୟାରି ପନ୍ଦର ଦିନ ଏକ ବକ୍ତୃତା ଦେଇ, ସେ କହିଲେ, "ଭାରତୀୟ ଗୋଲଟେବୁଲରେ ବେଶ ଭଲ କାମ ହୋଇଛି । ଅଗ ପ୍ରାଦେଶିକ ସ୍ୱତନ୍ତ୍ରତା ଦେଇ ପଛେ ଫେଡେରେସନ ଗଢ଼ିବେ ଏକଥା କେବଳ ସରକାରଙ୍କର ଇଚ୍ଛା ନୁହେଁ, ଭାରତ ସର-କାରଙ୍କ ପକ୍ଷରୁ ଧଳା କାଗଜରେ ଯେଉଁ ପ୍ରସ୍ତାବ କାହାଣୀ ଦେଖିଲେ ଭବିଷ୍ୟତ ଶାସନ ପ୍ରଣାଳୀର ପୂର୍ଣ୍ଣ ସ୍ୱରୂପ ଜାଣିବ । ଜଏଣ୍ଟ ପାର୍ଲିଆମେଣ୍ଟ କମିଟି ସେ ପ୍ରସ୍ତାବକୁ ପୁଣି ଥରେ ଦେଖିବେ । ସ୍ୱତ ପକ୍ଷେ ଭାରତୀୟ ଲୋକଙ୍କ ମତ ଜଣାଇବେ । ମୋର ବିଶ୍ୱାସ ଜଏଣ୍ଟ କମିଟି ବସିଲେ ଭାରତ ବ୍ୟବସ୍ଥାପକ ସଭାରୁ ଡେଲିଗେଟଙ୍କୁ ପ୍ରତିନିଧି କରି ନେଇଯିବ । ଭାରତ ସରକାର ପ୍ରାଦେଶିକ ଓ ଗଣତନ୍ତ୍ର ଉଭୟ ଶାସନ ପଦ୍ଧତି ଏକଙ୍କ ସ୍ଥିର କରୁଛନ୍ତି । ଫେଡ଼ରେଶନ ଗଢ଼ିବାପାଇଁ ଏମ ସରକାର ସମସ୍ତ ଉଦ୍ୟମ କରୁଛନ୍ତି; ଶାସନ ସଂସ୍କାର କାର୍ଯ୍ୟରେ ଆଉ କୌଣସି ଗୋଲମାଲ ହେବ ନାହିଁ, ଧୀର ସ୍ଥିର ଭାବରେ ଫେଡ଼ରେସନ ଗଠନ କାର୍ଯ୍ୟ ଶେଷ ହେବ, ଆଇନ ଅମାନ୍ୟ ଆନ୍ଦୋଳନରେ ଯେଉଁମାନେ ଲାଗିଛନ୍ତି ସେମାନେ ତେବେ ଗଠନ ମୂଳକ ରାଜନୀତିର କ୍ଷେତ୍ର ପିଛଳ ହେବେ ତେବେ ସେମାନଙ୍କ ପ୍ରାଣର ଜୀବନୀ ଶକ୍ତି ଅନୁଭବ କରି ଦେଶରେ ବାଧ ହୋଇ ଅସି ପଡ଼ିବେ ।

ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଆଉ ସୀମାନ୍ତ ବାହାର ଲୋକଙ୍କର ଉପଦ୍ରବ ନାହିଁ । ବଙ୍ଗଳାରେ ସୈନ୍ୟମାନେ ଲଢ଼ିବା ଦିନଠାରୁ ଏବେ ନୂଆ ଆଇନ ଜାରି ହେଲା ଦିନଠାରୁ ଅବସ୍ଥା ବହୁତ ଶାନ୍ତ ଅଛି ।

# ବିଲାତ ଚିଠି

ମହାଶୟ,

ଲଣ୍ଡନ ପ୍ରବାସୀ ଓଡ଼ିଆ ଛାତ୍ରମାନଙ୍କ ତରଫରୁ ଉତ୍କଳବ୍ୟାପୀ ଅଭିନନ୍ଦନରେ ଯୋଗ ଦେବାପାଇଁ ଏ ପତ୍ର ଲେଖୁଅଛୁ । ଜାତି ଓ ପ୍ରଦେଶର ପୁନର୍ଗଠନର ପ୍ରାରମ୍ଭରେ ତାହାର ଯୁବକ ଓ ଯୁବତୀମାନଙ୍କର ପ୍ରାଣରେ ଯେଉଁ ଆନନ୍ଦର ଢେଉ ଉଠିଅଛି ତାହା ଯେପରି ଭବିଷ୍ୟତ କର୍ତ୍ତବ୍ୟର ଗୁରୁତା ଆମ୍ଭମାନଙ୍କୁ ଭୁଲାଇ ନଦିଏ ତାହା ଏକାନ୍ତ ବାଞ୍ଛା । ବହୁବର୍ଷବ୍ୟାପୀ ଆନ୍ଦୋଳନର ଫଳରେ ଯେଉଁ ଭିତ୍ତି ସ୍ଥାପିତ ହୋଇଅଛି ତାହା ଉପରେ ଜାତୀୟତାର ପ୍ରାସାଦ ଗଠନ କରିବାକୁ ହେବ । ଏଥିପାଇଁ ଆମ୍ଭମାନଙ୍କର ସମସ୍ତଙ୍କର ଯଥାଶକ୍ତି ଚେଷ୍ଟା ଓ ସହଯୋଗର ପ୍ରୟୋଜନ । ଭବିଷ୍ୟତର ସାଫଲ୍ୟ ବର୍ତ୍ତମାନ ଉଦ୍ୟମ ଉପରେ ନିର୍ଭର କରେ । ପ୍ରାଦେଶିକ କ୍ଷୁଦ୍ରତା ଓ ଅନ୍ୟାନ୍ୟ ମତଭେଦ ଯେପରି ବାଧାବିଘ୍ନ ସୃଷ୍ଟି ନକରେ ଓ ଭାରତର ପୁନର୍ଗଠନ ସଙ୍ଗେ ଯେପରି ଉତ୍କଳ ଭବିଷ୍ୟତ ପ୍ରଗତି ସମ୍ଭବ ଓ କ୍ରମରେ ଅଗ୍ରସର ହୁଏ ମଙ୍ଗଳରୁ ଅମ୍ଭମାନଙ୍କର ଏହି ଲକ୍ଷ୍ୟ ଦେବା ଉଚିତ ।

ପୁନର୍ବାର ଆମ ଶାନ୍ତି ଓ ଉନ୍ନତିପାଇଁ ଆନ୍ତ-ରିକ ମଙ୍ଗଳାକାଂକ୍ଷା ପ୍ରକାଶ କରୁଅଛୁ । ଶିଶୁ ପ୍ରଦେଶର ଅଧିବାସୀ ଓ ନେତୃବୃନ୍ଦଙ୍କର ଏଥିପ୍ରତି ବିଶେଷ ମନଯୋଗୀ ହେବାର ଉଚିତ ।

ଯେଉଁମାନେ ଅଲ୍ପ ବା ଅଧିକରେ ଏହି ଉତ୍କଳ—ଆନ୍ଦୋଳନରେ କାର୍ଯ୍ୟ କରିଅଛନ୍ତି ସେମାନଙ୍କପ୍ରତି କୃତଜ୍ଞତା ଜ୍ଞାପନକରି ଏପତ୍ର ଶେଷ କରୁଛୁ । ଯାଉଥାଉ ଗୁଣାଯାହେବ ଓ ଲର୍ଡ ଜେଟଲ୍ୟାଣ୍ଡ ପ୍ରଭୃତି ଯେଉଁ ସମସ୍ତ ଓ ଶକ୍ତି ବ୍ୟୟକରି ଉତ୍କଳର ଅଭାବ ସବୁ ମନରେ ତାଙ୍କର ସୁନାମ ରହିଛି ଅଛନ୍ତି ତଥା ସମସ୍ତ ଉତ୍କଳକୁ କୃତଜ୍ଞତା ପାଶରେ ବଦ୍ଧ କରିଅଛନ୍ତି । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଦାସ ପାର୍ଲିଆମେଣ୍ଟର ମେମ୍ବରମାନଙ୍କ ସହ ଏଠାକାର ଗଭର୍ଣ୍ଣମେଣ୍ଟ କର୍ମଚାରୀମାନଙ୍କ ସହ ଆପଣାର ବନ୍ଧୁତାର ସଦ୍‌ବ୍ୟବହାର କରି ଓ ଭାରତ ଗଭର୍ଣ୍ଣମେଣ୍ଟଙ୍କ କର୍ମଚାରୀବୃନ୍ଦ ଓ ଭାରତର ବନ୍ଧୁର ନେତୃବୃନ୍ଦଙ୍କ ସହ ତାଙ୍କର ଉପଯୁକ୍ତ ସୁଯୋଗକୁ କାମର ସେବାରେ ଲଗାଇ ଦେଶକୁ ଓ ଓଡ଼ିଆ ଜାତିକୁ ରାଜ୍ୟଠାରେ ଋଣୀ କରିଅଛନ୍ତି । ଉତ୍କଳବନ୍ଧୁ ଓ ଭାରତବନ୍ଧୁ ମିଷ୍ଟର ସି, ଏଫ, ଏଣ୍ଡ୍ରୁଜ ( C. F. Andrews ) ମହୋଦୟ ତାଙ୍କର ସ୍ନିଗ୍ଧ ଉତ୍କଳପାଇଁ ଯେପରି ଯତ୍ନ କରିଅଛନ୍ତି ଓ କରୁଅଛନ୍ତି । ଏହା ଅ... କର ଆଖିରେ ଦେଖିବା କଥା । ଏହାଛଡ଼ା ... ମାନ ଓ ଅଗ୍ରରେ ଉତ୍କଳର ନେତୃବୃନ୍ଦ ଓ ଜନସାଧାରଣ ଯେଉଁ କାର୍ଯ୍ୟ ଏ ଦିଗରେ କରି-ଅଛନ୍ତି ତାହା ବର୍ଣ୍ଣନା କରିବା ବାତୁଲ୍ୟ ମାତ୍ର ।

ଭଗବାନ ଏହି ନବପ୍ରଦେଶକୁ ସାଫଲ୍ୟମଣ୍ଡିତ କରନ୍ତୁ ।

ଭବଦୀୟ
ଶ୍ରୀ ମୁରଲୀଧର ମହାନ୍ତି
ଲଣ୍ଡନ

Digitized by srujanika@gmail.com

Split by PDF Splitter



43

ନଂ ୮୮ ନମ୍ବର ଜାରି ସନ ୧୯୩୨ ମସିହା
ଇଃ ୧ମ ମୁନସଫ କଟକ

ଅନ୍ନପୂର୍ଣ୍ଣା ଦାସ — ଡିଃ
ବାସୁଦେବ ମହାପାତ୍ର ଓଗେର — ଦେଃ ମାନେ

ଜଗବନ୍ଧୁ ଓଗେର ଟଙ୍କା ଅଦାୟ ମଜକୁର ନିମ୍ନଲିଖିତ ସମ୍ପତ୍ତି ତା ୧୫।୨।୩୩ ରଖେ ନିଲାମ ହେବ ।

୧ । ଜିଃ କଟକ ଥାନା ଜଗତସିଂହପୁର ପ୍ରଃ ହରେକୃଷ୍ଣପୁର ନ ୨୨୦୬ ନମ୍ବର ଇଃ ନ ୧୦୬ ନମ୍ବର ଥାନା ମୌଃ ଅଡଙ୍ଗ ନ ୨୭୮୯ ନମ୍ବର ଖାତା ଦାଃ ଚାନ୍ଦବାଲି ଜାମିଲ ସ୍ଥିତିବାନ ଏ୦—୭୮୯ ଡିଃ ମଧ୍ୟରୁ ଏ୦—୧୬୨ ମଃ ଜମା ଟ ୦।/୯ ଆଃ ମୂଲ୍ୟ ଟ ୨୦ ଙ୍କା ।

୨ । ଉଃ ପ୍ରଃ ମୌଃ ଏକନ ନ ୨୮୬୭ ନମ୍ବର ଖାତା ପାଡୁ ସ୍ଥିତିବାନ ଏ୦—୫୭୬ ଡିଃ ମଧ୍ୟରୁ ଏ୦—୪୦୦ ଡିଃ ମଃ ଜମା ଟ ୧।୶ ନିଲାମ ହେବ ଆଃ ମୂଲ୍ୟ ଟ ୫୦୧ ।

୩ । ଉଃ ପ୍ରଃ ମୌଃ ଏକନ ନ ୨୧୯୧ ନମ୍ବର ଇଃ ନ ୨୩୫୯ ନମ୍ବର ଖାତା ଦାଃ ସିଦ୍ଧମ ଦାଃ ପାଡୁ ସ୍ଥିତିବାନ ଏ୦—୭୩୦ ସମସ୍ତ ଏ୦—୩୬୫ ଡିଃ ନିଲାମ ହେବ ଆଃ ମୂଲ୍ୟ ଟ ୪୫ ଙ୍କା ।

——

ନଂ ୫୭୦୪ ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁନସଫ କଟକ

ଉଦୟନାଥ କେଲାନାଥ କର — ଡିଃ
ଜନ୍ମାଷ୍ଟମୀ ଶଣ୍ଢ ଓଗେର — ପ୍ରତିବାଦୀମାନେ
ନିଲାମ ତାରିଖ ତା ୧୫।୨।୩୩

କଟକ ଜିଲ୍ଲା ଅନ୍ତଃପାତୀ ପ୍ରଃ ଇଃ ପାଲେପୁର ଜଗତ୍ସିଂହପୁର ସବଡିଭିଜନ ମୌଃ ମଜଦୁରପୁର ଇତ୍ୟାଦିରେ ଥିବା ନଂ ୨୦୫ ନମ୍ବର ଖାତା ଦାଃ ସ୍ଥିତିବାନ ଏ୦—୨୪୪୫

୨ । ମୌଃ ଏକନ ନ ୧୮୪ ନମ୍ବର ଖାତା ଦାଃ ଏ୦—୩୧୩

୩ । ମୌଃ ଏକନ ନ ୯୪ ନମ୍ବର ଖାତା ଦାଃ ଏ୦—୪୪୨୫

୪ । ମୌ ସିଦ୍ଧୋଳ ଖାଃ ଦାଃ ଭଗବାନ ସାହିର ଛାଉଣୀ ନ ୫୮୩ ନମ୍ବର ଖାତା ଦାଃ ରୁ ଏ୦—୪୭୪ ଡିଃ

——

ନ ୮୨୩ ନମ୍ବର ଡିଗ୍ରୀଜାରି ସନ ୧୯୩୨ ମସିହା
କଟକ ମୁକାମ ୧ମ ଏଡିସନ ମୁନସଫି ଅଦାଲତ
କଟକ ସହର ସେଣ୍ଟ୍ରାଲ କୋଃ ଅଃ ବେଙ୍କ ପାଃ ସଦର ସେକ୍ରେଟାରି କୋଃ ଅଃ ବେଙ୍କ ଅଫିସ ଥାଃ କଟକ — ଡିକ୍ରୀଦାର
ପଟ୍ଟାମୁଣ୍ଡାଇ ଗ୍ରାମ୍ୟ କୋଃ ଅଃ ସୋସାଇଟୀ ମେମ୍ବର ସୁଦାମ ଦାସ ଓଗେର ସାଃ ପଟ୍ଟାମୁଣ୍ଡାଇ ଥାଃ ଜିଃ କଟକ — ଦେଃ ମାନେ

ଉପରୋକ୍ତ ଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରଙ୍କର ପାଉଣା ଡିକ୍ରୀ ଓଗେର ଟଙ୍କା ଅଦାୟ ନିମନ୍ତେ ଦେଣଦାର ମାନଙ୍କର ଭୋଗ ଦଖଲରୁ ନିମ୍ନ ଲିଖିତ ଅଚଳନ୍ତି ସମ୍ପତ୍ତିମାନ ପ୍ରୋକ୍ଲାମେସନ ଜାରି ନିଲାମରେ ସନ ୧୯୩୩ ମସିହା ମାର୍ଚ୍ଚ ମାସ ତା ୮ ରଖ ଦିବା ୧୨ ଘଣ୍ଟା ସମୟ ନିଲାମ ହେବ ।

୧ । କଟକ ଜିଲ୍ଲା ପ୍ରଃ ଭୁଜିଶ୍ଚନ ସଦର ଓ ସାଃ ରେଃ ମୁକାମ କଟକ ପ୍ରଃ ସନ୍ତର ମାହାଲ ଦାଃ ପଟ୍ଟାମୁଣ୍ଡାଇ ନ ୧୩୨୨ ନମ୍ବର ଇ. ଭେଲେଜ୍ଞ୍ଜ ମୌଃ ପଟ୍ଟାମୁଣ୍ଡାଇ ନ ୪୦୫ ନମ୍ବର ଥାନା ଲିଖିତ ଅନ୍ୟ ଅଂଶୀଦାର ନାମ ଜାମିଲ ଦେଣଦାର ସୁଦାମ ଦାସଙ୍କ ଓ ଦାଇଧର ମହାନ୍ତିମାନଙ୍କ ନାମରେ ନ ୨ ଓ ୫ ଓ ୧୬୨ ଓ ୧୭୭ ନମ୍ବର ଓ ନ ୭୮ ନମ୍ବର ଖାତା ମାନଙ୍କ ଦାଃ ଏ୧୦—୨୩ ଡିଃ ରୁ ବାର୍ଷିକ ଅଦାୟ ଜମା ଟ ୭୷୵ ଅଟେ ଇହାଁ ମଧ୍ୟରୁ ଅନ୍ୟ ସରିକ-ଦାରମାନଙ୍କ ଅଂଶ ବାଦ ଦେଃ ମାନଙ୍କ ନିଜ ଭୋଗ ଦଖଲ ଏ୨—୫୦—୫ ଡିଃ ଭୂମିର ମଧ୍ୟୋଟ ଜମା ଟ ୭୫/୧୦୪ ଅଟେ ଉକ୍ତ ଜମି ଓ ଜମା ଓ ଘର ବାଡି ବଗିଚା ଗଚ୍ଛପାଠ ଓ ବୃକ୍ଷ ବୃକ୍ଷାଦି ସହିତ ଏ ମୋକଦ୍ଦମାରେ ନିଲାମ ହେବ ଏଥିର ଆଃ ମୂଲ୍ୟ ଟ ୧୫୦ ଙ୍କା ।

୨ । ଜିଃ ଏକନ ପ୍ରଃ ସଃ ଏକନ ଥାଃ ଏକନ ମାହାଲ ଦାଃ ଏକନ ନ ୧୩୨୨ ନମ୍ବର ଇ. ଭେଲେଜ୍ଞ୍ଜ ମୌଃ ଚନ୍ଦ୍ରଶେଖରପୁର ନ ୪୧୧ ନମ୍ବର ଥାନା ଲିଖିତ ନ ୭।୭୮ ଓ ୧୪୩।୧୪୪।୧୪୫ ନମ୍ବର ଖାତା-ମାନଙ୍କ ଦାଃ ଏ୧୭—୬୭ ଡିଃ ରୁ ବାର୍ଷିକ ଅଦାୟ ଜମା ଟ ୩୮।୯ ମଧ୍ୟରୁ ଅନ୍ୟ ସରିକଦାରମାନଙ୍କ ଅଂଶ ବାଦ ଦେଃ ମାନଙ୍କ ନିଜ ଭୋଗ ଦଖଲ ଅଂଶ ଏ୧୨—୯୯ ଡିଃ ରୁ ମଧ୍ୟୋଟ ଅଦାୟ ଜମା ଟ୫୩।୶୩ ଅଟେ ଉକ୍ତ ଜମି ଓ ଜମା ଓ ବୃକ୍ଷ ବୃକ୍ଷାଦି ସହିତ ଦେଣଦାର ମାନଙ୍କର ସର୍ବପ୍ରକାର ସତ୍ତ୍ୱ ସହିତ ଏ ମୋକଦ୍ଦମାରେ ନିଲାମ ହେବ ଏଥିର ଆଃ ମୂଲ୍ୟ ଟ ୨୦୦୧ ।

——

ନଂ ୨୭୦ ନମ୍ବର ଡିଃ ସନ ୧୯୩୨ ମସିହା
ଇଃ ସବଜଜ
କଟକ ସେଣ୍ଟ୍ରାଲ କୋଃ ଅଃ ବ୍ୟାଙ୍କ — ଡିଃ
ନଗରୀ କୋଃ ଅଃ ସୋସାଇଟି — ଦେଃ
ତା ୧୫।୨।୩୩ ରଖେ ଫେରସ୍ତି ସମ୍ପତ୍ତି ନିଲାମ ହେବ ।

୧ । ପ୍ରଃ ସାଇଲୋ ନ ୨୦୫୮ ନମ୍ବର ଇଃ ଲିଖିତ ମୌଃ ନଗରୀ ଥାନା ନ ୩୧୭ ରକବାରେଥିବା ସ୍ଥିତିଃ ଖା ୮୩ ଛା ଦାଃ ଏ୦—୪୩ ଡିଃରୁ ଟ୦୷୵ ଖା ୮୪ ଛା ଦାଃ ଏ୧—୩ ଡିଃ ରୁ ଟ ୨।/ ଖା ୮୫ଛା ଦାଃ ଏ୦-୨୫ରୁ ଟ୦।/ ମୋଟ ଏ୧-୭୧ରୁ ଟ ୩୵ ମଧ୍ୟରୁ ନ ୧ ନମ୍ବର ଦେଣଦାର ସଭ୍ୟମାନଙ୍କ ସୁନ୍ଦରର ଖାଃ ଟ୦।/୪ ଏ୦—୫୬ ଟ ୧୶ ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୩୦୧

୨ । ମୌଃ ନଗରୀ ଖା ୧୧୧ ଛା ଦାଃ ସ୍ଥିତିଃ ଏ୪—୪ ଟ ୫।୶ ମଧ୍ୟରୁ ଏ୦—୮୧ରୁ ଟ ୧/୩ ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୪୦୧

୩ । ମୌଃ ନଗରୀ ଖା ୧୨୦ ଛା ଦାଃ ସ୍ଥିତିଃ ଏ୦—୧୮ରୁ ଟ୦।୵ ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୧୦୧

୪ । ମୌଃ ନଗରୀ ଖା ୧୪୭ ଛା ଦାଃ ସ୍ଥିତିଃ ଏ୧—୪୧ରୁ ଟ ୨୷୶ ମଧ୍ୟରୁ ଏ୦—୭୦—୫ରୁ ଟ ୧।୵ ବୃକ୍ଷାଦି ସହ ନିଲାମହେବ ଅନୁମାନିକ ମୂଲ୍ୟ ଟ ୩୫୧

୫ । ମୌଃ ନଗରୀ ଖା ୧୫୭ ଛା ଦାଃ ସ୍ଥିତିଃ ଏ୦-୩୨ରୁ ଟ୦୷ ମଧ୍ୟରୁ ଏ୦—୧୧ଡିଃରୁ ଟ ୦। ନିଲାମହେବ ଆଃ ମୂଃ ଟ ୬୧

୬ । ମୌଃ ନଗରୀ ନ ୨୦୭୩ ଇଃ ଖା ୨୭୦ ଦାଃ ସ୍ଥିତିଃ ଏ୨—୧ରୁ ଟ ୪। ମଧ୍ୟରୁ ୧୦—୫୦ ରୁ ଟ୧/ ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୨୫୧

୭ । ମୌଃ ନଗରୀ ଖା ୨୭୧ ଛା ସ୍ଥିତିଃ ଏ୧—୯୭ ରୁ ଟ ୩୧ ମଧ୍ୟରୁ ଏ୦—୪୭—୨୫ ଡିଃ ଉପରେ ଥିବା ଖାଦ୍ୟ ଛପର ଘର ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୨୭୧

୮ । ମୌଃ ନଗରୀ ନ ୩୭୭୫ ନମ୍ବର ଇଃ ଖା ୨୦୧ ଛା ଦାଃ ସ୍ଥିତିଃ ଏ୦—୭୨ରୁ ଟ୨୭ ମଧ୍ୟରୁ ଏ୦—୩୧ରୁ ଟ ୧। ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୧୭୧

୯ । ମୌଃ ନଗରୀ ନ ୨୫୭୭ ଇଃ ଖା୩୭୩ ସ୍ଥିତିଃ ଏ୧—୭୧ରୁ ଟ୩୷/ ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୮୫୧

୧୦ । ମୌଃ ନଗରୀ ନ ୩୭୬୫ ନମ୍ବର ଇଃ ଖା ୬୭୫ ଛା ଖାଃ ଜାଃ ମଃ ସଃ ଭାଗ ଏ୦—୩୯ରୁ ଟ୦୫/ ମଧ୍ୟରୁ ଏ୦—୧୦ରୁ ଟ୦୶୩ ନିଲାମହେବ ଆଃ ମୂଃ ଟ ୫୧

୧୧ । ମୌଃ ନଗରୀ ନ ୨୯୮୫ ଇଃ ଖା ୩୯୭ ଛା ଦାଃ ଏ୦—୬୬ରୁ ଟ୦୷୶ ମଧ୍ୟରୁ ଏ୦—୧୭-୫ ଟ୦୵/୫ରୁ ବୃକ୍ଷାଦି ସହ ନିଲାମହେବ ଆଃ ମୂଃ ଟ ୮୧

୧୨ । ମୌଃ ଦଳବାଡ ନ ୨୮୨୨ ନମ୍ବର ଇଃ ଖା ୪୦୧ ଛା ଦାଃ ଜାଗୀରାତି ମଃ ସଃ ଏ୦—୧୪ରୁ ଟ୦।/ ମଧ୍ୟରୁ ଏ୦—୩—୫ ଟ୦/୩ ନିଲାମହେବ ଆଃ ମୂଃ ଟ ୫୧

୧୩ । ମୌଃ ସତ୍ତ୍ୱୋଲ ନ ୩୭୬୫ ନମ୍ବର ଇଃ ଖା୪୫୮ଛା ସ୍ଥିତିଃ ଏ୦—୨୪ରୁ ଟ୦୫୶ ଖା୪୯୯ଛା ସ୍ଥିତିଃ ଏ୦—୭ରୁ ଟ୦୶ ଏରୂପ ଏ୦—୩୧ ମଧ୍ୟରୁ ଏ୦—୧୦ରୁ ଟ୦। ନିଲାମହେବ ଆଃ ମୂଃ ଟ ୨୧

——

ନ ୧୨୩୮ ନମ୍ବର ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁନସଫ କଟକ

ରାଧାକୃଷ୍ଣ — ଡିଃ
ଗୁରୁଚରଣ ବିଶ୍ୱାଳ ଓଗେର — ଦେଃ ମାନେ

ଏ ମୋକଦ୍ଦମାର ଡିକ୍ରୀ ଓଗେର ଟଙ୍କା ଅଦାଏ ସକାଶେ ଦେଃ ମାନଙ୍କର ନିମ୍ନଲିଖିତ ସମ୍ପତ୍ତି ମାନଙ୍କ ପ୍ରକାଶ୍ୟ ତା ୧୫।୨।୩୩ ରଖେ ଦୁଇପହରେ ଦିବା ସ ୧୦୫ ଟା ସମୟ ନିଲାମହେବ

୧ । କଟକ ଜିଃ ଥାଃ ଓ ପ୍ରଃ ସାଃ ରେଃ ମୁଃ ଭର୍ତ୍ତେ ଲ ଇଃ ପ୍ରଃ ଝଙ୍କଡ଼ ଛାଃ ଏରଡ଼ଗା ନ ୨୪୫୪ ଇଃ ଲିଖିତ ମୌଃ ଛାଞ୍ଚପୁରରେଥିବା ଇଃ ଦଃ ଲାଭ ନାରଣ ବିଶ୍ୱାଳ ନାମରେ ନ ୯୪ ଖାତା ଦାଃ ସ୍ଥିତି-ବାନ ଏ୧୧—୫୪ ଡିଃରୁ ଜମା ଟ ୪୧୧ ମଧ୍ୟରୁ ଏ୦—୫୫୦ ଡିଃରୁ ଜମା ଟ୧୷୶/୧ ପାଉ ଆଃ ମୂଃ ଟ ୭୦୧

——

ନ ୧୧୮ ନମ୍ବର ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁନସଫି ଅଦାଲତ
ଶ୍ୟାମଚରଣ ମହାନ୍ତି ଓଗେର — ଡିଃ ମାନେ
କପିଳ ପଣ୍ଡା ଓଗେର — ଦେଃ ମାନେ

ଏ ମୋକଦ୍ଦମାର ଡିକ୍ରୀ ଓଗେର ଟଙ୍କା ଅଦାଏ ସକାଶେ ଦେଃ ମାନଙ୍କର ନିମ୍ନଲିଖିତ ସମ୍ପତ୍ତି ମାନଙ୍କ ପ୍ରକାଶ୍ୟ ତା ୧୫।୨।୩୩ ରଖେ ଦୁଇପହରେ ଦିବା ସ ୧୦୫ ସମୟ ନିଲାମହେବ

Digitized by srujanika@gmail.com

Split by PDF Splitter



୧ । କଟକ ଜିଃ ଅଃ ଗ୍ରାଃ ଓ ସଃ ରେଃ ମୁଃ ଇର୍ଦ୍ଦୋଇ ଜାଃ ସ୍ଥାଃ ଝଙ୍କଡ଼ ଇଃ ପ୍ରକଣ୍ଡ ନ ୪୧୦୯ ଇଃ ଦୂର୍ଭ ମୌଃ ଧାଇଁ ଗୋଲରେଥିବା ଖଃ ଦାଃ ର ସ୍ଥିତିବାନ ଥାନୁ ପାଦ୍ର ମୋଟ ଏ୨—୮୭୯ ଡ଼ିଃ ମଧ୍ୟରୁ ୪୧—୭୨୪ କୁ ଜମା ୪ ୭୶ ଓ ନ ୩୮୪ ଖା । ଖାଃ ଏ୦—୨୫୦ ଡ଼ିଃ ମଧ୍ୟ ଏ୦—୧୫୦ ଡ଼ିଃ ନିଲାମହେବ ଅଃ ମୂଃ ଟ ୧୫୦୯

—❀—

ନ ୩୯୯ ନମ୍ବର ଡିକ୍ରି ଜାରି ସନ ୧୯୩୨ ମସୀହା

୧ମ ମୁନସଫି କଟକ

ଜଗଇଯାଥ୍ ଡୋ, ଅ. ଟୋସାଇଟି ଡିଃ

ଅନ୍ନୁଭାକାନ୍ତ ସ୍ୱଏ ଦେଃ

ଉପରୋକ୍ତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରଙ୍କ ପ୍ରାପ୍ୟ ଜନ୍ଡିଗ୍ରୀ ଓଗେର ଟଙ୍କା ପାଇବା ନିମନ୍ତେ ଦେଣଦାରଙ୍କ ନିମ୍ନ ଲିଖିତ ସମ୍ପତ୍ତିମାନ ତା୧୫।୨।୩୩ ରିଖରେ ନିଲାମହେବ ।

୧ । ଜିଃ କଟକ ପ୍ରଃ ଷ୍ଟେସନ ଓ ସଃ ରେଃ ଜଗତସିଂହପୁର ଥାଃ ଦେଓଟା ମୌଃ ଭାଣ୍ଡାରୀରେ ଥିବା ହାଲ ବନ୍ଦୋବସ୍ତି ସ୍ଥି ଖା୧୨୨ ଥା ଏ୦—୮୭ କୁ ଜମା ଟ ୩୶ ମଧ୍ୟରୁ ଦେଣଦାରର ଦଃ ସ୍ଥାଃ ଏ୦—୨୪—୫ ଡ଼ିଭିକୁ ଜମା ଟ୦୴୶ ବୃତ୍ତି ନିଲାମହେବ ଅଃ ମୂଃ ଟ୩୯

୨ । ସ୍ଥାଃ ମୌଃ ଏକଜରେଥିବା ସ୍ଥି ଖା୧୨୩ ଏ୧—୦୨ କୁ ଜମା ଟ୧୩୶ ମଧ୍ୟରୁ ଦେଣଦାରର ସ୍ଥାଃ ଟ୦୩ କୁ ଏ୦—୫୧ ଡିଃ ଜମା ଟ୦୴/୭ ବୃତ୍ତି ନିଲାମହେବ ଅଃ ମୂଃ ଟ୬୯

୩ । ସ୍ଥାଃ ମୌଃ ଏକଜରେଥିବା ସ୍ଥିଃ ଖା୧୨୪ ଏ୨—୨୧ କୁ ଜମା ଟ୩୩୶ ମଧ୍ୟରୁ ଦେଣଦାରର ଦଃ ସ୍ଥାଃ ଏ୦—୧୦—୨ ଡ଼ିଭିକୁ ଜମା ଟ୧।୶୯ ବୃତ୍ତି ଏ ମୋକଦ୍ଦମାରେ ନିଲାମହେବ ଅଃ ମୂଃ ଟ୨୦୯

୪ । ସ୍ଥା- ମୌଃ ଏକଜରେ ଥିବା ସ୍ଥିତିବାନ ଖା୧୫୭ଥା ଏ୦—୮୮ କୁ ଜମା ଟ୩୴୶ ମଧ୍ୟରୁ ଦେଣଦାରର ସ୍ଥାଃ ଟ୦୩ କୁ ଏ୦—୪୪ କୁ ଜମା ଟ ୧୴/ ବୃତ୍ତି ନିଲାମହେବ ଅଃ ମୂଃ ଟ୫୯

୫ । ସ୍ଥାଃ ମୌଃ ଏକଜରେ ଥିବା ସ୍ଥିତିବାନ ଖା୧୫୮ଥା ଏ୨—୨୪ କୁ ଜମା ଟ୧୦୶ ମଧ୍ୟରୁ ଦେଣଦାର ସ୍ଥାଃ ଟ୦୩ କୁ ଏ୧—୩୭ କୁ ଜମା ଟ୫/ ବୃତ୍ତି ନିଲାମହେବ ଅଃ ମୂଃ ଟ୩୪୯

୬ । ସ୍ଥାଃ ମୌଃ ଏକଜ ସ୍ଥିତିବାନ ଖା ୩୪୨ ଏ୦—୭୨ କୁ ଜମା ଟ୨।୶ ମଧ୍ୟରୁ ଦେଣଦାରର ଦଖଲ ସ୍ଥାଃ ଏ୦—୧୭—୫ ଡ଼ିଭିକୁ ଜମା ଟ୦୴୶୯ ବୃତ୍ତି ନିଲାମହେବ ଅଃ ମୂଃ ଟ୪୯

୭ । ସ୍ଥାଃ ମୌଃ ଏକଜ ସ୍ଥିତିବାନ ଖା ୩୮୦ ଏ୦—୨୪ କୁ ଜମା ଟ୧୶ ମଧ୍ୟରୁ ଦେଣଦାରର ସ୍ଥାଃ ଟ୦୩ କୁ ଏ୦—୧୨ କୁ ଜମା ଟ୦୩/ ବୃତ୍ତି ନିଲାମହେବ ଅଃ ମୂଃ ଟ୨୯

୮ । ସ୍ଥାଃ ମୌଃ ଏକଜ ସ୍ଥିତିବାନ ଖା୫୪୭ଥା ଏ୭—୦୮ କୁ ଜମା ଟ୦୶ ମଧ୍ୟରୁ ଦେଣଦାରର ସ୍ଥାଃ ଟ୦୩ କୁ ଏ୦—୦୪ ଡିଃ କୁ ଜମା ଟ୦।୭ ବୃତ୍ତି ନିଲାମହେବ ଅଃ ମୂଃ ଟ୧୯

୯ । ସ୍ଥାଃ ମୌଃ ଏକଜ ସ୍ଥିତିବାନ ଖା୫୭୧ଥା ଏ୦—୧୬ ଡିଃ କୁ ଜମା ଟ୦୩ ମଧ୍ୟରୁ ଦେଣଦାରର ସ୍ଥାଃ ଟ୦୩ କୁ ଏ୦—୦୮ କୁ ଜମା ଟ୦। ବୃତ୍ତି ନିଲାମହେବ ଅଃ ମୂଃ ଟ୨୯

୧୦ । ସ୍ଥାଃ ମୌଃ ଏକଜ ସ୍ଥିତିବାନ ଖା ୫୭୨ ଥା ଏ୧—୦୯ କୁ ଜମା ଟ୪/ ମଧ୍ୟରୁ ଦେଣଦାରର ଖାଃ ଟ୦୩ କୁ ଏ୦—୫୪—୫ ଡ଼ିଭିକୁ ଜମା ଟ୨୧୬ ବୃତ୍ତି ନିଲାମହେବ ଅଃ ମୂଃ ଟ ୧୩୯

୧୧ । ସ୍ଥାଃ ମୌଃ ଏକଜରେଥିବା ଦେଣଦାରର ଏକାଏକ ନାମର ସ୍ଥିତିବାନ ଖା୫୭୩ଥା ଦୋର-ବସ୍ତ ରକମ ଏ୦—୩୧ ଡିଃ କୁ ଜମା ଟ୦୴/ ବୃତ୍ତି ନିଲାମହେବ ଅଃ ମୂଃ ଟ୮୯

୧୨ । ସ୍ଥାଃ ମୌଃ ଏକଜରେଥିବା ସ୍ଥିତିବାନ ଖା୫୭୪ଥା ଏ୦—୩୧ ଡିଃ ଜମା ଟ୦।୶ ମଧ୍ୟରୁ ଦେଣଦାରର ଖାଃ ଟ୦୩ କୁ ଏ୦—୧୫—୫ ଡ଼ିଭି ଜମା ଟ୦୶ ବୃତ୍ତି ନିଲାମହେବ ଅଃ ମୂଃ ଟ୪୯

—❀—

ନ୧୫୮୭ନମ୍ବର ଜାରି ସନ ୧୯୩୨ ମସୀହା

ଦିଃ ମୁନସଫି କେନ୍ଦ୍ରାପଡ଼ା

ଜଗନ୍ନାଥ ଦାସ ଡିଃ

ଲକ୍ଷ୍ମୀ ମଣି ଦେଇ ଦେଃ

ଉକ୍ତ ଡିକ୍ରି ଜାରି ମୋକଦ୍ଦମାରେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ତା ୧୫।୨।୧୯୩୩ ରିଖରେ ନିଲାମହେବ ।

ସ୍ଥାଃ କେନ୍ଦ୍ରୁବଣି ମୌଃ ଜଗନ୍ନାଥପୁରରେ ଥିବା ସ୍ଥିତିବାନ ପାଦ୍ର ନ ୧୯ ଖାତା ଦାଃ, ଏ୫-୭୨ କୁ ଜମା ଟ୧୨ ମଧ୍ୟରୁ ଏ୧—୬୪ କୁ ଜମା ଟ୨୴୩ ଅଃ ମୂଃ ଟ୫୦୯

—❀—

ନ୧୫୮୭ନମ୍ବର ଜାରି ସନ ୧୯୩୨ ମସିହା

ସ୍ତ୍ରୀ ମୁନସଫି କେନ୍ଦ୍ରାପଡ଼ା

ଜଗନ୍ନାଥ ଦାସ ଡିଃ

ଲକ୍ଷ୍ମୀମଣିଦେଇ ଦେଃ

ଉକ୍ତ ଡିକ୍ରୀଜାରି ମୋକଦ୍ଦମାରେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ତା୧୫।୨।୩୩ ରିଖରେ ନିଲାମହେବ ।

ସ୍ଥାଃ କେନ୍ଦ୍ରୁବଣି ମୌଃ ଜଗନ୍ନାଥପୁରରେ ଥିବା ନ୫୨ ସ୍ଥିଃ ଦାଃ, ଜାଗିର ବାଜ୍ୟାପ୍ତି ସ୍ଥିତିବାନ ଏ୧—୧୫ କୁ ଜମା ଟ୦୴ ଅଃ ମୂଃ ଟ୫୦୯ ।

—❀—

ନ ୪୮୫ ନମ୍ବର ଡିଃ ଜାରି ସନ ୧୯୩୨ ମସିହା

ଦିଃ ୧ମ ମୁନସଫ କଟକ

ବଳରାମ ପଣ୍ଡା ଡିଃ

ସ୍ଥାନୀୟ ସ୍ୱାଇଁ ନାବାଳଗର ମାତା ଅଭିଭାବକ ସଙ୍ଗ ଦେଓଁଧା ଦେଃ

ଉପର ଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀ-ଦାରଙ୍କର ଜନଡିକ୍ରୀ ଓଗେର ଟଙ୍କା ଅଦାୟ ସକାଶେ ଦେଣଦାରଙ୍କର ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ତା ୧୫।୨।୧୯୩୩ ରିଖେ ନିଲାମହେବ

ପ୍ରଗଣା ଷ୍ଟେସନ ସଃ ରେଃ ମୁଃ ଜଗତସିଂହପୁର ଲିଲାବାଦ ସ୍ଥାଃ ଭୁବନହରିପୁର ନ ୨୯୧ ଥାନା ମୌଃ ଧର୍ମଧରପୁର ରହକାରେଥିବା ଖାରଜ ମୂଃ ର ଭୁକ୍ତ ପ୍ରଜାଦାରର ଭୋଗଦଖଲ ନ ୫୬୭ ଖାତା ଦାଃ ଲାଃ ବାଜ୍ୟାପ୍ତି ଏ୦—୩୫ ଡିଃକୁ ଜମା ଟ୦୩୶ ତୁଲ ଇତ୍ୟାଦିରେ ପ୍ରଜାଦାରର ଯେ ସବୁ ସ୍ୱାମୀତ୍ୱ ଅଛି ତାହା ନିଲାମହେବ ଅଃ ମୂଃ ଟ ୩୦୯ ଓ ସ୍ଥାଃ ଭୁବନହରିପୁର ମୌଃ ଧର୍ମଧରପୁର ରହକାରେଥିବା

ନ ୨୧୪୩୮ ଇରିଜିସନ ନ ୫୭ ନମ୍ବର ଖାତା ଦାଃ ଏ୭—୨୪ ଡିଃ ମଧ୍ୟରୁ ଖାରଜ ମୂଃ ନାମର ଦେଣ-ଦାରର ଭୋଗଦଖଲ ଲଃ ଦାଟ ଏ୦—୬୨ ଡିଃ ତୁଲ ଇତ୍ୟାଦିରେ ଦେଣଦାର ଯେ ସବୁ ସ୍ୱାମୀତ୍ୱ ଅଛି ତାହା ନିଲାମହେବ ଅଃ ମୂଃ ଟ ୫୦୯ ଓ ସ୍ଥାଃ ଭୁବନ-ହରିପୁର ମୌଃ ଧର୍ମଧରପୁର ରହକାରେଥିବା ଖାରଜ ମୂଃ ନାମର ଦେଣଦାରର ଭୋଗଦଖଲ ନ ୮୩୩ ଖାତା ଦାଃ ପାଦ୍ର ସ୍ଥିତିବାନ ରକମ ଏ୦—୯୪ ଡିଃକୁ ଜମା ଟ ୫୯ ଓ ଇତ୍ୟାଦିରେ ପ୍ରଜା-ଦାରର ଯେ ସବୁ ସ୍ୱାମୀତ୍ୱ ଅଛି ତାହା ନିଲାମହେବ ଅଃ ମୂଃ ଟ ୫୦୯ ଓ ସ୍ଥାଃ ଭୁବନହରିପୁର ମୌଃ ଧର୍ମ-ଧରପୁର ରହକାରେଥିବା ଖାରଜ ମୂଃ ନାମର ଦେଣଦାରର ଭୋଗଦଖଲ ନ ୮୩୪ ଖାତା ଦାଃ ଏ୦—୩୧ ଡିଃକୁ ଜମା ଟ ୧/ ତୁଲ ଇତ୍ୟାଦିରେ ଦେଣଦାରର ଯେ ସବୁ ସ୍ୱାମୀତ୍ୱ ଅଛି ତାହା ନିଲାମ ହେବ ଅଃ ମୂଃ ଟ ୨୦୯ ଓ ସ୍ଥାଃ ଭୁବନହରିପୁର ମୌଃ ଗୋପାଲପୁର ଖାଃ ଦାଃ ମୌଃ ନେଦାଲୋ ରହ-କାରେଥିବା ମେହେରମ୍ବର ସ୍ୱାଇଁ ଖାରଜ ମୂଃ ନାମର ନ ୨ ଦେଣଦାରର ଭୋଗଦଖଲ ନ ୫୬ ଖାତା ଦାଃ ପାଦ୍ର ସ୍ଥିତିବାନ ରକମ ଏ୦—୫୦ ଡିଃକୁ ଜମା ଟ ୧୴/ ତୁଲ ଇତ୍ୟାଦିରେ ନ ୨ ପ୍ରଜାଦାରର ଯେ ସବୁ ସ୍ୱାମୀତ୍ୱ ଅଛି ସେ ସକଳ ସବୁ ନିଲାମହେବ ଇତ୍ୟାଦି ଅଃ ମୂଃ ଟ ୨୦୯ ଅଟେ

—

ନ ୧୨୮୯ ନମ୍ବର ଜାରି ସନ ୧୯୩୨ ମସିହା

ଲୋକନାଥ ଦାସ ଡିଃ

ରଜାର ଚରଣ ଦାସ ଦେଃ

ନିମ୍ନଲିଖିତ ସମ୍ପତ୍ତି ସବୁ ତା ୧୫।୨।୩୩ ରିଖରେ କେନ୍ଦ୍ରାପଡ଼ା ମୁଃ ମୁନସଫି ଅଦାଲତରେ ନିଲାମହେବ

୧ । ଜିଃ କଟକ କେନ୍ଦ୍ରାପଡ଼ା ଦଃ ଡିଃ ଓ ସ୍ଥାଃ ଗ୍ରାଃ ରଘୁଣ ମୌଃ ବାଜଟବେଥିବା କୁଳମଣି ଦାସ ଓଗେରଙ୍କ ନାମିକ୍ସ ବନ୍ଦୋବସ୍ତି ନ ୧୯୭ ଖାତା ଦାଃ ସ୍ଥିଃ ଏ୦—୫ ମଧ୍ୟରୁ ଦେଣଦାର ଅଂଶ ଦଖଲ ଟ୦।/୪ କୁ ଏ୦—୦୧—୬୪୶୧୩୧ ଅଃ ମୂଃ ଟ ୫୯

୨ । ସ୍ଥାଃ ମୌଃ ମସକୁଡରେଥିବା ଉପରୋକ୍ତ ମତେ ବନ୍ଦୋବସ୍ତି ନ ୨୦୬ ଖାତା ଦାଃ ମଧ୍ୟସତ୍ତ୍ୱା-ଧିକାରୀ ଏ୦—୨୩ ଜମା ଟ୦।୶ ମଧ୍ୟରୁ ଦେଣ-ଦାର ଅଂଶ ସ୍ଥାଃ ଟ୦।/୪ କୁ ଏ୦—୦୬-୮।/୬୧ ଜମା ଟ୦୶୪ ଇତ୍ୟାଦି ଦେଣଦାର ଭଗ୍ନୂଦାସ ସର୍ବ ଲପରି ଅଲଗ ଅଲଗ ଓ ଫଳାଟ ଟଙ୍କାଠ ଓ ପଡ଼ାଚଳଣି ସହିତ ଅଃ ମୂଃ ଟ ୨୫୯

୩ । ସ୍ଥାଃ ମୌଃ ମସକୁଡରେଥିବା ଉପରୋକ୍ତ ମତେ ବନ୍ଦୋବସ୍ତି ନ ୧୨୧ ଖାତା ଦାଃମଧ୍ୟସତ୍ତ୍ୱା-ଧିକାରୀ ଏ୦—୨୨ ଓ ପ୍ରଜାଦଖଲ ନ୦ ୨୨।୧୨୩। ୧୨୪।୧୨୫ ନମ୍ବର ଖାତା ଦାଃ ଏ୦—୯୪ ଏଥିରୁ କବଜଦଖଲ ଏବଂ ପ୍ରଜାଦଖଲ ମୋଟ ଏ୦—୩୭ କୁ ଜମା ଟ ୧୩୶ ମଧ୍ୟରୁ ଦେଣଦାର ସ୍ଥାଃ ଟ୩।/୪ କୁ ଏ୦—୧୧—୫ ଡ଼ିଭିକୁ ଜମା ଟ୩/୯ ଅଃ ମୂଃ ଟ ୨୫୯

—❀—



Digitized by srujanika@gmail.com

REGISTERED NO. P 6

45

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩୧
ପ୍ରତିଖଣ୍ଡ ଟ ୦ ୧୯

| ଖ ୬୮ ଭ | Cuttack, Saturday the 18th February 1933<br>ଫାଲ୍ଗୁନ ୬ ୭ ର ସନ ୧୩୪୦ ସାଲ ଶନିବାର | ୭ମ ସଂଖ୍ୟା |
|---|---|---|

32 26-2-32

JECI ENDI CHADDARS

BEST FOR WINTER. PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

**Reduced Price Rs. 6/-**

Per Pair—(6 by 1½ yds.)

POSTAGE & PACKING FREE. MONEY REFUNDED IF UNAPPROVED.

PLEASE READ WHAT OUR CUSTOMERS SAY.

"I have pleasure to state that Endi Chadars supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana, for some Endi Chadars. I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
Props. JECI WEAVING FACTORY,
LUDHIANA. (Upper India).

୩୪ ୧ ୨।୩୩

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

**ସରାଇକେଲା**

ଆମ୍ଭେ ଟ ୩୦ ୧ ଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ସ ଟେଲରିଂ; ଟ ୨୫ ୧ ଙ୍କା ନେଇ ୨ ସପ୍ତାହରେ ଫୁଲକୋର୍ସ ଫଟୋଗ୍ରାଫ୍; ଟ ୩୦ ୧ ଙ୍କା ନେଇ ଏକମାସରେ ନାନା ପ୍ରକାର ସାବୁନ ଓ ନାନା ପ୍ରକାର ଫେବ୍ରିକ କାଜ, କେଣ୍ଡେଲ ପ୍ରଭୃତି ନାନା ପ୍ରକାର ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଉଥାଉଁ। ଆମ୍ଭେମାନେ କଲର ଜୁଗା ବେତ ଚର୍ମ ଓ ସେହିଭଳି ଶିକ୍ଷା ଦେଉଥାଉଁ। ବାସସ୍ଥାନ ପାଇଁ ଏବଂ ଭୋଜନ-ଦେଲେ ଖାଦ୍ୟର ଓ ଔଷଧ ଲାଗି ଏକପଇସା ଖର୍ଚ୍ଚ ଲାଗେ ନାହିଁ। ଜଳବାୟୁ ଉତ୍ତମ। ଏଠାରେ ଶିକ୍ଷା କରିଗଲେ ଅନ୍ୟର ଅଧୀନ ନ ନେଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ। ଅନୁସନ୍ଧାନ କଲେ ଜାଣି-ପାରିବ ଯେ ଏପରି ସୁବିଧା ଅନ୍ୟ କୌଣସିଠାରେ ନାହିଁ। ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୭ ମାଇଲ ଦୂରରେ ଅବସ୍ଥିତ। ସେଥିପାଇଁ ସର୍ବଦା ଯାତାୟାତ କରୁଛି। ବିସ୍ତାରିତ ବିବରଣ ପାଇଁ ଟ ୦ ୧୯ ଡାକ ଟିକଟସହ ପତ୍ର ଲେଖନ୍ତୁ।

ଦେବରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିୟଲ ଇନଷ୍ଟିଚ୍ୟୁସନ
ପୋ: ସରେଇକଳା, ଭାୟା ସିନ, ଜିଲ୍ଲା ସିଂହଭୂମ

୭୧ ୨୫।୨।୩୩

## ନୋଟିସ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି ଯେ ପାଇକପଡ଼ା ଷ୍ଟେଟର ଦାମ୍ପଣ୍ଡସିଂହ ଅବକାରୀ ଓ ଜଙ୍ଗଲୀ ଦ୍ରବ୍ୟ ସମୂହର ଲାଇସେନ୍ସ ସନ ୧୯୩୩-୩୪ ମସିହା ନିମିତ୍ତ ସନ ୧୯୩୩ ମସିହା ଫେବ୍ରୁୟାରୀ ମାସ ତା ୨୭ ରଖ ଦରବାରରେ ସଦର କଚେରୀରେ ନିଲାମ ହେବ। ଇଚ୍ଛୁକମାନେ ସ୍ୱୟଂ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଦ୍ୱାରା ନିଲାମ ଡାକିପାରିବେ। ଯାହାଙ୍କର ଡାକ ମଞ୍ଜୁର ହେବ ତାହାଙ୍କୁ ଡାକ ଦାମର ଏକଚତୁର୍ଥାଂଶ ଟଙ୍କା ତତ୍କ୍ଷଣାତ୍ ସିକ୍ୟୁରିଟି ସ୍ୱରୂପ ଡିପୋଜିଟ କରିବାକୁ ହେବ। ତା ୧୫।୨।୩୩ ମସିହା

ତପସିଲ

୧। ସରାପ ଦୋକାନ
୨। ଗଞ୍ଜେ ଦୋକାନ
୩। ମୃତ ଗୋମହିଷାଦିର ଚମଡ଼ା ସିଙ୍ଗ
୪। ମୃତ ବନ୍ୟଜନ୍ତୁ ସିଙ୍ଗ
୫। ସାପ ଓ ଗୋଧି ଚମଡ଼ା
୬। ଲାଖ
୭। ଗୋଲମରିଚ
୮। ଲୁଣ
୯। ଝୁଣା
୧୦। ଭୃଙ୍ଗରାଜ
୧୧। ଅସ୍ତ୍ରା
୧୨। ଝୁନା ଝୋଟ
୧୩। ଚୋଲ ଓ ଲୁହୁମ ଗଛ
୧୪। ନାଗେଶ୍ୱର ଫୁଲ
୧୫। ହରିଡ଼ା ବାହାଡ଼ା ଅଁଳା
୧୬। ସବାଇ (Sabai Grass)
୧୭। ମହୁ
୧୮। ମହୁ ଓ ମହମ
୧୯। ସିମିଳି ତୁଳା
୨୦। ଫୁଲ ଝାଡ଼ୁଣୀ
୨୧। ଶାଳ ସ୍ୱପତ୍ର
୨୨। ଶୁଖିଲା ପତ୍ର ପାଣିପତ୍ର
୨୩। ଅଶ୍ୱଗନ୍ଧ ଫଳ
୨୪। ପାନ ଦୋକାନ

ଦେଓ୍ୱାନ
।। କ। ପାଇକପଡ଼ା

Digitized by srujanika@gmail.com

Split by PDF Splitter



# Notice

25-2-33.

Is hereby given for general information that the following canals in the Orissa Circle will remain closed to irrigation and navigation for annual repairs for the period noted against them :—

| Name of Canal. | Period for which the Canal will remain closed. |
|---|---|
| Taldanda Canal ... ... ... | 20th April 1933 to 14th May 1933 (both days inclusive). |
| Machgaon Canals ... ... ... | 20th April 1933 to 14th May 1933 (both days inclusive). |
| Kendrapara Canal, Kendrapara Extension, Gobri, Gobri Extension and Pattamundai Canals... ... ... | 15th May 1933 to 10th June 1933 (both days inclusive). |
| High Level Canal, Range I ... ... | 1st May 1933 to 31st May 1933 (both days inclusive). |
| High Level Canal, Range III ... | 10th May 1933 to 5th June 1933 (both days inclusive). |
| Jajpur Canal ... ... ... | 10th May 1933 to 5th June 1933 (both days inclusive). |

K. R. BERY,
*Superintending Engineer, Orissa Circle.*

୭୨ ୧୮।୨।୩୩

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି ଯେ ଢେଙ୍କାନାଳ ଷ୍ଟେଟ୍‌ର ନିମ୍ନଲିଖିତ ଘାଟମାନ ସନ ୧୯୩୩-୩୪ ମସିହା ନିମନ୍ତେ ଆଗାମୀ ଫେବ୍ରୁୟାରି ମାସ ଲିଖିତ ତାରିଖ ମାନ-ଙ୍କରେ ଶ୍ରୀଯୁକ୍ତ ଦେୱାନ ସାହେବଙ୍କ ଅଦାଲତରେ ଦିନ ୧୧ଟା ସମୟରେ ପ୍ରକାଶ୍ୟ ନିଲାମହେବ । ନିଲାମ ଗ୍ରହଣେଚ୍ଛୁମାନେ ଉକ୍ତ ତାରିଖ ମାନଙ୍କରେ ଉପସ୍ଥିତ ହୋଇ ନିଲାମ ଡାକିବେ । ଇତି ।

ତା ୨୮-୧-୩୩ ଇଂ

ଉପସିଲ

୧-ଅଫିମ ଓ ଗଞ୍ଜା ଦୋକାନ ଗୋ ୯ ଟା

ତା ୨୧-୨-୩୩ ଇଂ

| | | |
|---|---|---|
| ୨-ଦେଶୀ ସରାପ ଦୋକାନ | ଗୋ ୧୩ ଟା | |
| ୩-ତାଡ଼ି ଦୋକାନ | ଗୋ ୩୨ ଟା | „ |
| ୪-ପଚଉ ଦୋକାନ | ଗୋ ୪୭ ଟା | „ |
| ୫-ଘାଟ | ଗୋ ୨୬ ଟା | „ |
| | ତା ୨୪-୨-୩୩ ଇଂ | |
| ୬-ହାଟ | ଗୋ ୭ ଟା | „ |
| ୭-ମହୁଦିଆ | ଗୋ ୫୪ ଟା | „ |
| ୮-ଜାଇଲ୍‌ଡାଭି | ଗୋ ୩୧ ଟା | „ |
| ୯-ଚମଡ଼ା | ସମଗ୍ର ଷ୍ଟେଟ୍‌ର | „ |
| ୧୦-ହାଡ଼ | „ | „ |
| ୧୧-ଯାଳ ଓ ଶିଙ୍ଘ | „ | „ |
| ୧୨-ଭୁଷୁନ ଦଣ୍ଡି | „ | „ |
| ୧୩-ସିମିଲକୁଲା | „ | „ |
| ୧୪-ଝୋଲ | „ | „ |
| ୧୫-ଚକ୍ରପୋଲ | „ | „ |
| ୧୬-ବିଗଲା | „ | „ |
| ୧୭-ବାଉଁଶ କାଠଭ | „ | „ |
| ୧୮-ମହୁଲ | „ | „ |
| ୧୯-ଅଷ୍ଟାଲେଲ | „ | „ |
| ୨୦-ମହୁ ମହମ | „ | „ |
| ୨୧-ସିଆଳି ଲଟ | „ | „ |
| ୨୨-ଝୁଲଅ | „ | „ |
| ୨୩-ବାଉଁଶ ସମ୍ବର ଶିଙ୍ଘ | „ | „ |
| ୨୪-ଚକ୍ରମୂଳ | „ | „ |
| ୨୫-ବରୁଗୁଡ଼ | „ | „ |
| ୨୬-ଟୋଲାଲା | „ | „ |

*Dated Dhenkanal the 1st February 1933.*

Dewan;
Dhenkanal State

74 WANTED 25-2-33.

An experienced male Short-hand Typist for service in an Indian State. Salary Rs. 50-2-70/-without quarters. Applications for appointment together with recent testimonials should be submitted before the 1st March 1933 to A. B. C. care of "the Utkal Dipika" Cuttack.

75 WANTED 18-2-33.

A trained Head mistress and a 2nd mistress for the Athgarh Girls' L. P. School on Rs. 18/-and Rs. 10/- P. M. respectively. Previous experience in teaching is absolutely necessary.

Applications must reach the undersigned by the 25th. February 1933.

Sd/Radhanath Dev Burman
Raja and Ruling Chief.

୩୫ ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ ଓ ଏକଶିରାର

## ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋଦର ଗୋଡ଼ କୋରଣ୍ଡ ଓ ଏକଶିରା ହୋଇ ନା କାହିଁକି ଏକମାସ ମଧ୍ୟରେ ନିଶ୍ଚୟ ଭଲ ହେବ । ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ପ୍ରତ୍ୟେକର ମୂଲ୍ୟ ଟ ୧୷ ମାତ୍ର ।

ଡାକମାସୁଲ ସ୍ୱତନ୍ତ୍ର
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ସତେଇକଲା
ଭାୟା-ଉତ । ଝିଂହଭୂମ ଜିଲ୍ଲା

୬୯ ନୋଟିସ ୨୧।୨।୩୩

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି କଟକ ମିଶନରୋଡ଼ ରାସ୍ତା ମଧ୍ୟସ୍ଥିତ ଭଜାଙ୍କ ବଙ୍ଗଳାଭ ପଶ୍ଚିମ ପାର୍ଶ୍ୱ ବଙ୍ଗଳା ସହିତରେ ୫ ଗୋଟି ବଡ଼ ଘରେ ଓ ଛୋଟ ଗୋସଲଖାନା ଓ ଏକ ଗୋଦାମ ଘର ଓ ବଖରା ୪ ଗୋଟା ଓ ଉପର ମହଲରେ ବଖରା ୪ ଗୋଟା ଓ ଗୋସଲଖାନା ଦୁଇଗୋଟା ଏ ଭିନ୍ନ ପୃଥକ ବର୍ଣ୍ଣିଖାନା ଗୋ ୧ ଟା, ଗୋଦାମ ୧ ଏକଗୋଟା ଓ ମଟର ରଖିବା ଘର ଏକଗୋଟା ୨ ବଖରା ଅଛି ଉକ୍ତ ଘର ବେଶ ଆଲୋକ ଓ ବାୟୁ ଗମନାଗମନର ବହୁତ ସୁବିଧା ଅଛି । ଭଡ଼ା ଦିଆଯିବ । ଉକ୍ତ ଘର ରାଜା, ମହାରାଜା ଓ ଅଫିସର ମାନଙ୍କର ରହିବା ଉପଯୋଗୀ ସ୍ଥାନ ଅଟେ । ଆବଶ୍ୟକ ସ୍ଥଳେ ନିମ୍ନରେ ଦସ୍ତଖତକାରୀ ନିକଟରେ ପତ୍ରବ୍ୟବହାର କରିବେ ।

ଦସ୍ତଖତ ପଣ୍ଡିତ ଜଗନ୍ନାଥ ତ୍ରିପାଠୀ, ଦେବେନ୍ଦ୍ରମୋହନ ଦାସ, ଗୋଲାମ ରହମାନ...

# ନୀଲାମ ଇସ୍ତାହାର

ସ ୧୩୨୦ ମୁକ ଢାଗ ସନ ୧୯୩୨ ମସିହା
। ଇ । ଡ଼ିଗ୍ରୀଦାର

ପଦ୍ମଲୋଚନ ମହାନ୍ତି ନ୍ତ୍ରୀ
ବ୍ରଜକିଶୋର ରାୟ ଓଗେର ଦେଃ

ଡିକ୍ରି ଦାରଙ୍କର ଜାରିଦରଖାସ୍ତ ଓଗେର ନିମ୍ନ ଲିଖିତ ସମ୍ପତ୍ତି ଦେଣଦାରମାନଙ୍କର ନିଲାମ ତା ୨୧-୨-୩୩ରିଖରେ ନିଲାମହେବ ।

୧ । କଟକ ଜିଲ୍ଲା କଲେକ୍ଟରୀ ସାଲିପୁର ସବ-ରେଜିଷ୍ଟ୍ରାର ମୁଃ ଯାଜପୁର ପ୍ରଃ ବାହୁଡ଼ା ନଂ ୧୮୦ ଲାଃ ମୌଃ ଯାମିଲପୁର ଜମିଦାରୀ ମଧ୍ୟରୁ ଦେଃ ମାନଙ୍କର ସାଃ ୫୦୬/୧୪କୁ ହାଲ ସଦର ଜମା ୫୬୩୬ ଅଟେ ଆ । ମୂଃ ୫୩୦୯

୨ । ଗ୍ରାଃ ବାରୁଆ ମୌଃ ଗୋପାଳପୁର ପଟେଦାର୍ଦ୍ଦ ଜମିଦାରୀ ମଧ୍ୟରୁ ଦେଃ ମାନଙ୍କର ସାଃ ୫୦୬୮କୁ ମୋଫସଲ ଜମା ୫୨୨କୁ ଆଃ ମୂଃ ୫୫୦।

୩ । ଗ୍ରାଃ ଏଲଳ ମୌଃ ଗୋବିନ୍ଦପୁର ମଲ୍ଲି-ସାଲ ଜମିଦାରୀ ମଧ୍ୟରୁ ଦେଃ ମାନଙ୍କର ସାଃ ୫୦୬କୁ ମୋଫସଲ ଅବାଦ ଜମା ୫୭୬

୪ । ମୌଃ ଗୋବିନ୍ଦପୁର ଜମିଦାରୀ ଦୋରବସ୍ତ ମଧ୍ୟରୁ ଦେଃ ମାନଙ୍କର ସାଃ ୦୬କୁ ମୋଫସଲ ଅବାଦ ଜମା ୫୨୫୬କୁ ଆଃ ମୂଃ ୫୯୦୯

୫ । ମୌଃ ଗାମ୍ଭୀରଭାର ଜମିଦାରୀ ମଧ୍ୟରୁ ଦେଃ ମାନଙ୍କର ସାଃ ୫୦୬କୁ ମୋଫସଲ ଅବାଦ ଜମା ୫୧୦।୬କୁ ୫୩୦୯

୬ । ମୌଃ ଚନ୍ଦ୍ରପୁର ଜମିଦାରୀ ମଧ୍ୟରୁ ଦେଃ ମାନଙ୍କର ସାଃ ୫୦୬୧୨ାକୁ ମୋଫସଲ ଅବାଦ ଜମା ୫୩୭/୯ ଆଃ ମୂଃ ୫୨୦୦୯

୭ । ମୌଃ ପାଣ୍ଡବପୁର ଜମିଦାରୀ ମଧ୍ୟରୁ ଦେଃ ମାନଙ୍କର ସାଃ ୫୦୬୮କୁ ମୋଫସଲ ଅବାଦ ଜମା ୫୨୫୧୦କୁ ଆଃ ମୂଃ ୫୬୦୯

—o—

Digitized by srujanika@gmail.com

# ଲାଟ ବଡ଼ଲାଟ

## ପୂରା କ୍ଷମତା

## ସାର ହୋର ନିଜେ ଘୋଷଣା କଲେ
## ବିଲାତର ସବୁ ସ୍ୱାର୍ଥ ବଜାୟ ରହିବ
## ଭାରତରେ ଆମ୍ବସୈନ୍ୟ ରହିବେ
## ଚୁକ୍ତିବିଶିଆ ସବୁ ଆମେ ନିଯନ୍ତ୍ରଣ କରିବା

ଲଣ୍ଡନ, ତା ୧୦।୨।୩୩

ଭାରତର ଭବିଷ୍ୟତ ଅଶଙ୍କା କରୁଛନ୍ତି ଯେ ବର୍ତ୍ତମାନ ଅସ୍ଥାୟୀଖଣ୍ଡରେ ହ. ଦେଲେସ ଯେ ବଳି ଭୂମିକମ୍ପ ଦେଶ ନଦେଇ ଦ୍ୱାଇଗଣ ବଳିଶି, ଗାନ୍ଧି ଶ୍ରଦ୍ଧାରେ ନୋଟ୍ପତ୍ର ପଢ଼ିବେ । ଏ କଥାର ଜବାବରେ ଭାରତ ମନ୍ତ୍ରୀ ସାର୍ ହୋର କହିଥିଲେ— ଭାରତ ଅସ୍ଥାୟୀଖଣ୍ଡରେ ଆମ ଇଂରେଜ ସୈନ୍ୟଙ୍କୁ ଅନେକଥର ପଠାଇଲେଇଁ, ଆମେ ଆମ ଇଂରେଜ ନାଗରିକମାନଙ୍କୁ ମଧ୍ୟ ଛାଡ଼ିଥିଲେଇଁ ସେଠାରେ ଯେ ଯାଇ ରହିଲେ ଭାରତର ରାଜ୍ୟ ଶାସନରେ ପୂରା କ୍ଷମତା କିଛି ରହିଲା ନାହିଁ, ମାତ୍ର ଭାରତରେ ସେଠାରେ ଥିବା ସବୁ ସୈନ୍ୟ ଆମ ଇଂରେଜ ପାର୍ଲିଆମେଣ୍ଟ ଅଧୀନରେ ରହିବ, ଭାରତର ସିଭିଲ ସର୍ଭିସ ଆମ ଏଠାରେ ଭାରତ ମନ୍ତ୍ରୀ ଦ୍ୱାରା ନିଯୁକ୍ତ ହୋଇ ପଠାଯିବେ, ସେମାନେ ଭାରତ ମନ୍ତ୍ରୀଙ୍କ ଅଧୀନରେ ରହିବେ । ସେମାନଙ୍କର ବେତନ ଅନ୍ୟାନ୍ୟ ସୁବିଧା ଆଦି ଯାହା ପାଉଛନ୍ତି ସେ ସବୁ ସେମାନଙ୍କର ରକ୍ଷା କରିବାପାଇଁ ବ୍ୟବସ୍ଥା କରାଯିବ ।

ଭାରତ ଯେ ବଡ଼ଲାଟ ରହିବେ ସେ ସବୁ ଗୁରୁତର ଦାୟିତ୍ୱ ଓ କ୍ଷମତା ତାଙ୍କର ହାତରେ ରହିବ, ଦେଶର ଶାନ୍ତି ଶୃଙ୍ଖଳା ରକ୍ଷା କରିବା କ୍ଷମତା, ଅର୍ଥନୈତିକ ଅଟଳ ପକ୍ଷପାତ ଓ କ୍ଷମତା, ଆମ ଇଂରେଜ ବାଣିଜ୍ୟ ପ୍ରତି ଅନ୍ୟାୟ ବ୍ୟବହାର ଓ ଆମ କର୍ମଚାରୀଙ୍କ ପ୍ରତି ମଧ୍ୟ ଠିକଣା ବ୍ୟବସ୍ଥା ସେହି ବଡ଼ଲାଟଙ୍କ ହାତରେ ରହିବ । ଯଦି ଭାରତର ଲୋକପ୍ରତିନିଧି ମନ୍ତ୍ରୀମାନେ ଏଥିରେ କୌଣସି ପ୍ରକାର ହସ୍ତକ୍ଷେପ କରିବାକୁ ଯିବେ ତେବେ ବଡ଼ଲାଟଙ୍କର ଯେ ଶାଳ ତାହା ବନ୍ଦ କରାଇବାର କ୍ଷମତା ରହିବ ତାହା ଭିନ୍ନ, ସେ ନିଜେ ହସ୍ତକ୍ଷେପ କରି ତାହା ନକରାଇ ଦେବାପାଇଁ କର୍ତ୍ତବ୍ୟ ମଣି ଗ୍ରହଣ କରିବେ ।

ଭାରତ ବଡ଼ଲାଟ ନୁହେଁ, ପ୍ରତି ପ୍ରଦେଶରେ ମଧ୍ୟ ଲାଟସାହେବମାନଙ୍କୁ ଏହିପରି କ୍ଷମତା ଦିଆଯିବ ।

---

## ଚତୁର୍ଥ ପଞ୍ଚାୟତର ଧମକ
## ମାଞ୍ଚୁରିଆ ସରକାର ବେଆଇନ ହେବ

ଜେନେଭା, ତା ୧୨।୨।୩୩

୧୯ ଜଣିଆ କମିଟି ଯଥାରୁ ଯେ ସବ୍ କମିଟି ଚୀନ-ଜାପାନ ବିବାଦ ବିଷୟର ଖସଡ଼ା ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ବସିଥିଲା ସେ କମିଟି ରିପୋର୍ଟ ପ୍ରସ୍ତୁତ କରି ସାରିଲେଣି । ଏହା ବଡ଼ କମିଟିରେ ଗତ ସୋମବାର ପଞ୍ଚାୟତର ସଭାର ବଡ଼ ବୈଠକରେ ପେସ୍ ହେବ । ପଞ୍ଚାୟତ ଏଥର ଶେଷ କଥା ସାର ଯାଇ ଏ କଥାର ମୀମାଂସା ବାସ କରିବା ଉଚିତ ସିଦ୍ଧାନ୍ତ ନେବା ଗଲାଣି ।

ଏ କମିଟି ବ୍ୟବସ୍ଥା ଦେଇଛନ୍ତି କି ଜାପାନକୁ କହି ତାଙ୍କ ଦଳ ମେଣ୍ଟାଇବାପାଇଁ ଗୋଟାଏ ସ୍ୱତନ୍ତ୍ର କମିଟି ବସୁ । ସେଥିରେ ଆମେରିକା ଓ ରୁଷିଆ ମଧ୍ୟ ଯୋଗ ଦେବେ । ମାଞ୍ଚୁରିଆରେ ଜାପାନର ଯେ ସର୍ଜିତ୍ରନ୍ତି ସରକାର ସ୍ଥାପିତ ହୋଇଛି ତାକୁ ମଞ୍ଜୁର ନ କରିବାପାଇଁ ଓ କମିଟି ପ୍ରସ୍ତାବକୁ କୌଣସି ପ୍ରକାରେ ଅନ୍ୟଥା ନ କରିବା ପାଇଁ ଏମାନେ ରିପୋର୍ଟରେ ଲେଖିଛନ୍ତି ।

---

## ବ୍ୟବସ୍ଥାସଭାରେ ମନ୍ଦିର ପ୍ରବେଶ
## ସେଠ ବିର୍ଲାଙ୍କ ନିବେଦନ

ଦିଲ୍ଲୀ, ତା ୧୧।୨।୩୩

ମନ୍ଦିର ପ୍ରବେଶ ଆଇନ ଓ ଅସ୍ପୃଶ୍ୟତା ନିବାରଣ ଆଇନ ଦୁଇଟି ପାଇଁ ଅତିଶୀଘ୍ର ବ୍ୟବସ୍ଥା ସମ୍ବନ୍ଧରେ କିପରି ଆଲୋଚନା ହେବ ଏଥିସହିତ ଶ୍ରୀଯୁକ୍ତ ରଙ୍ଗାଆୟାର ପ୍ରମୁଖ ଆସେମ୍ବ୍ଲି ମେମ୍ବରମାନେ ବଡ଼ଲାଟଙ୍କ ବ୍ୟବସ୍ଥା କରାଇବା ପାଇଁ ବିଶେଷ ଅନୁରୋଧ କରିଛନ୍ତି । ଯେଉଁଦିନ ବିଲ୍ ପେଶ ହେବ ଠିକ୍ ସେହିଦିନ ବାଛୁର କମିଟି ବସି ତାହାର ଆଲୋଚନା ପାଇଁ ରଙ୍ଗାଆୟାର ପ୍ରସ୍ତାବ କରିବେ । ସେଥିପାଇଁ ଏଥର ତାଙ୍କର ଅନ୍ୟ ଯେତେ ଯେତେ ପ୍ରସ୍ତାବ ଆଦି ଥିଲା, ସେ ସବୁକୁ ଉଠାଇ ନେଇ ସାରିଲେଣି । କେବଳ ନୋଟିସ ଦେଇଛନ୍ତି ଯେ ଏ ଦୁଇଟି ଆଇନକୁ ବାଛୁର କମିଟି ହାତରେ ଦିଆଯିବା କାରଣ ସେ ପ୍ରସ୍ତାବ ଆଗତ କରିବେ ।

---

## ରାଜଗୋପାଳାଚାରୀଙ୍କ ନିବେଦନ
## ମେମ୍ବରମାନେ ମେଳ ବାନ୍ଧିଲେ

ଦିଲ୍ଲୀ, ତା ୧୦।୨।୩୩

ସାର ହରିସିଂହ ଗୌରଙ୍କ କୋଠିରେ ଆସେମ୍ବ୍ଲି ମେମ୍ବରମାନଙ୍କର ଏକ ବୈଠକ ହୋଇଥିଲା । ଶ୍ରୀଯୁକ୍ତ ରାଜଗୋପାଳାଚାରୀ ଓ ଦେବଦାସ ଗାନ୍ଧି ଉପସ୍ଥିତ ଥାଇ ମନ୍ଦିର ପ୍ରବେଶ ଆଇନ ସମ୍ବନ୍ଧ ରଙ୍ଗାଆୟାରଙ୍କ ଦୁଇ ଆଇନ କଥା ଆଲୋଚନା ହେଲା । ଜାତୀୟ ଦଳର ଅନେକ ଆସେମ୍ବ୍ଲି ମେମ୍ବର ଉପସ୍ଥିତ ଥିଲେ । ସମସ୍ତେ ଏ ଆଇନର ବିଚାର ସ୍ୱତନ୍ତ୍ର ପାଇଁ ବଡ଼ଲାଟଙ୍କୁ ସୁବିଧା କରେଇ ଦେବା କାରଣ ଜଣାଇବାକୁ ସ୍ଥିର କଲେ ।

---

## ବିର୍ଲାଙ୍କ ନିବେଦନ

ସେଠ ବିର୍ଲା ଓ ଶ୍ରୀଯୁକ୍ତ ରାଜଗୋପାଳାଚାରୀ ଏକ ଇସ୍ତାହାରରେ ପ୍ରକାଶ କରିଛନ୍ତି କି—"ଆସେମ୍ବ୍ଲିର ଅନେକ ମେମ୍ବର ଏ ଦୁଇ ଆଇନକୁ ବିଚାର କରାଇବାପାଇଁ ଅଙ୍ଗୀକାର କରିଥିବାରୁ ଆମ୍ଭେମାନେ କୃତଜ୍ଞତା ଜଣାଉଛୁ, ମାତ୍ର ଅଳ୍ପ କେତେଜଣ ଯେ ଏ ସଂସ୍କାର ବର୍ତ୍ତମାନ ନହେବାରେ ସୁଦ୍ଧି କେତେକବର୍ଷ ସ୍ଥଗିତ ଏକଥା କୁହନ୍ତି ନାହାନ୍ତି । ଶ୍ରୀଯୁକ୍ତ ଏମ, ସି, ରାଜା ଯେଉଁ ବିଲ୍ ପେଶ କରିଛନ୍ତି ତହିଁରେ ଅସ୍ପୃଶ୍ୟତା ଉଠାଇବାପାଇଁ ସରକାରୀ ସାହାଯ୍ୟ ମାଗିଛନ୍ତି, ଏହା ସରକାର ପକ୍ଷରୁ ପେଶ୍ ହେବା ଉଚିତ । ମନ୍ଦିରପ୍ରବେଶ ପ୍ରସ୍ତାବଟି କେବଳ ଲୋକମତ ନେଇସାରେ ହେବା ନହେବା ସ୍ଥିର ହେବ, ଏହା ଏକାବେଳକେ ଯୁକ୍ତିଯୁକ୍ତ କଥା, ବର୍ତ୍ତମାନ ଯେ ସଂସ୍କାର ଦରକାର ଏକଥା ଲୋକେ ବୁଝୁଛନ୍ତି, ଅଥଚ କେତେକଙ୍କର ବନ୍ଧୁଭାବର ସଂସ୍କାର ରହିଯାଇ ଥିବାରୁ ଏହା ଆପତ୍ତି

ହେଉଛି । ଏଥିର ଏକମାତ୍ର ପ୍ରତିକାର ଏ ବିଷୟରେ ବ୍ୟବସ୍ଥା କରାଯାଇଥିବା ଉପାୟରେ ଲୋକମତ ନେଇ କାର୍ଯ୍ୟ କରିବା ।

ସରକାର ସୁବ୍ୟବସ୍ଥା ନ କଲେ ଏ ବେଂଚ୍ଛୁ ଆଇନର ଚଳନ ଆଲୋଚନା ହୋଇପାରିବ ନାହିଁ - ଏଥିପାଇଁ ବ୍ୟବସ୍ଥା ସଭାର ସେ ନିୟମ ଅଛି ସେଥିରେ ସବୁ ମେମ୍ବର ମେଳ ନ ବାନ୍ଧିଲେ କିଛି ଫଳ ଲାଭ ହେବନାହିଁ । କେଣୁ ଦେଶର ଲୋକେ ବର୍ତ୍ତମାନ ସଭାସମିତି କରିଯାଇ ଆସେମ୍ବ୍ଲି ମେମ୍ବରମାନଙ୍କଠାରୁ ଅବିଳମ୍ବେ ତାର ପଠାଯାଉ କି ସେମାନେ ଏ ବିଷୟରେ ଉଚିତ ତାଙ୍କ କର୍ତ୍ତବ୍ୟ କରନ୍ତୁ । ପ୍ରସ୍ତାବମାନ ଖବରକାଗଜକୁ ଓ ସେ ସେ ଅଞ୍ଚଳ ମେମ୍ବରମାନଙ୍କଠାକୁ ପଠାଇବେ ।

ଆମେ ଯେତେବେଳେ ମହାତ୍ମା ଗାନ୍ଧିଙ୍କ ସଙ୍ଗେ ଏ ବିଲ୍ ମଞ୍ଜୁର ହେବା ବିଷୟରେ କଥାବାର୍ତ୍ତା କରିଥିଲୁ, ସେତେବେଳେ ବୁଝିଲୁ ଯେ ଦେଶର ଲୋକେ ଦ୍ୱିଗୁଣ ଉତ୍ସାହରେ ଏହାକୁ କାର୍ଯ୍ୟ କରାଇବାପାଇଁ ଯଦି ପଡ଼ିବେ ଓ ଆମେ ତାଙ୍କ ସହକର୍ମୀମାନେ ମଧ୍ୟ ଯଥାସାଧ୍ୟ ଚେଷ୍ଟା କରିବୁ, ଏପରିକି ସରକାର ସାହାଯ୍ୟ ନ କଲେ ମଧ୍ୟ ଆସେମ୍ବ୍ଲିର ସିମଲା ବୈଠକରେ ଏହାକୁ ଧାର୍ଯ୍ୟ କରାଇବୁ ବୋଲି ଆଶା ଦେବାକୁ ସେ ଉପଦେଶ ଦେଲେ । ତାହା କରିବାକୁ ହେଲେ ବର୍ତ୍ତମାନ ବୈଠକରେ ଆସେମ୍ବ୍ଲି ପକ୍ଷରୁ ବାଛୁର କମିଟି ବସିବା ଦରକାର । ତାହାହେଲେ ଏ ଆଇନ ପାସ୍ ହେବା ଅନ୍ତତଃ ମାସ କେତେକରୁ ହୋଇଯାଇ ପାରିବ । ଜନସାଧାରଣ ଏଥିପାଇଁ ଅତିଶୀଘ୍ର ତାଙ୍କ କର୍ତ୍ତବ୍ୟ କରନ୍ତୁ ।

---

## ବଡ଼ଲାଟଙ୍କୁ ମହାତ୍ମାଙ୍କ ଚିଠି
## ବୁଧବାର ରାତି ରାତି ପଠାହୋଇଛି
## ସଂସ୍କାରରେ ବାଧାଦେଲେ କି ପରିମାଣ

ଦିଲ୍ଲୀ, ୧୭।୨।୩୩

ଏଠାରେ ଖବର ମିଳୁଛି ଯେ ମହାତ୍ମାଗାନ୍ଧି ମନ୍ଦିର ପ୍ରବେଶ ଆଇନ ବିଷୟରେ ବଡ଼ଲାଟ ଲର୍ଡ ୱିଲିଂଡନଙ୍କୁ ଏକ ଜରୁର ଲମ୍ବା ଚିଠି ଲେଖିଛନ୍ତି । ସେଥିରେ ମୋର 'ପ୍ରିୟ ବନ୍ଧୁ' ବୋଲି ସମ୍ବୋଧନ କରି ଦେଶରେ ସଂସ୍କାରର ବର୍ତ୍ତମାନ ଆବଶ୍ୟକତା ଓ ସରକାରର କର୍ତ୍ତବ୍ୟ ବିଷୟରେ ବହୁତ କଥା ଲେଖିଛନ୍ତି । ଗାନ୍ଧିଙ୍କ ଏହିପରି ଚିଠି ଲର୍ଡ ୱିଲିଂଡନଙ୍କୁ ଲେଖିବେ ବୋଲି ସେ ନାହିଁ କେତେଦିନ ଧରି କରିବାର ବିଚାରୁଥିଲେ । ମଙ୍ଗଳବାର ସନ୍ଧ୍ୟାରେ ପ୍ରତିଦିନ ପ୍ରାର୍ଥନା ପରେ ସେ ଏ ଚିଠି ଲେଖିବେ ବୋଲି ସ୍ଥିର କରି ତାହାର ପାଣ୍ଡୁଲିପି ପ୍ରସ୍ତୁତ କରାଇଲେ । ବୁଧବାର ଦିନ ସନ୍ଧ୍ୟାରେ ଏ ଚିଠି ଦିଲ୍ଲୀରେ ବଡ଼ଲାଟଙ୍କ ଠାକୁ ଜେଲରୁ ପଠା ହେଲା ।

---

## କଟକରେ ସମ୍ମିଳନୀ

ଆସନ୍ତା ମାସ ୨୬ ତାରିଖ ଓଡ଼ିଶା କୋଅପରେଟିଭ ଲିମିଟେଡ ବ୍ୟାଙ୍କମାନଙ୍କର ପ୍ରତିନିଧି ଓଡ଼ିଶା ପ୍ରଦେଶରେ ସେମାନଙ୍କର ପରିସ୍ଥିତି ବିଷୟ ବିଚାର କରିବାପାଇଁ ଏକ ବୈଠକ କଟକଠାରେ ହେବ ।

---

Split by PDF Splitter

47

Digitized by srujanika@gmail.com

# ଉତ୍କଳଦୀପିକା

ଫେବୃୟାରୀ ତା ୧୮ ରିଖ ଶନିବାର

## କଟକରେ ନେତା ସମ୍ମିଳନୀ

ସକାଳେ ୯ଟା ବେଳେ ଶ୍ରୀରାମଚନ୍ଦ୍ର ଭବନରେ ପ୍ରାୟ ୭୦ ଜଣ ଭଦ୍ରବ୍ୟକ୍ତି ଉପସ୍ଥିତ ଥାଇ ବିଷୟ ନିର୍ବାଚନ ସଭା ରୂପେ କି କି କଥା ସ୍ଥିର ହେବ ତାହାର ତର୍କ ଚାଲିଲା। ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ ସଭାପତି ହୋଇଥାନ୍ତି। ବାବୁ ନିରଞ୍ଜନ ପଟ୍ଟନାୟକ ତାଙ୍କ ସଙ୍ଗେ ଗୋଟିଏ ଗୋଷ୍ଠୀ ତର୍କବିତର୍କ ଅନେକ କରୁଥାନ୍ତି। ପ୍ରଥମ ତର୍କବିତର୍କରେ ପ୍ରସ୍ତାବ ହେଲା ଯେ ମହାମାନ୍ୟବର ସମ୍ରାଟଙ୍କ ସରକାର ବାହାଦୁର ସ୍ୱତନ୍ତ୍ର ପ୍ରଦେଶ ଘୋଷଣା କରିବାରୁ ଉତ୍କଳର ଏ ନେତା ସମ୍ମିଳନୀ ତାଙ୍କୁ ଅନ୍ତଃକରଣର ସହିତ ଅଭିବାଦନ କରି ଭାରତମନ୍ତ୍ରୀ ଓ ବଡ଼ଲାଟଙ୍କଠାରେ ଦାବି କରୁଛନ୍ତି କି ସେ ଓଡ଼ିଶାର ସୀମାକୁ ୧୯୦୩ ସାଲ ରିଜ୍‌ଲି ସର୍କୁଲର ପ୍ରସ୍ତାବ ମୁତାବକ ସ୍ଥିର କରି ଦିଅନ୍ତୁ।

ବାବୁ ହରିହର ମହାପାତ୍ର କହିଲେ— "ସମ୍ରାଟଙ୍କ ଅନୁଗ୍ରହରେ ଅଭିବାଦନ କରୁଛୁ" ନ କହି 'ସନ୍ତୋଷ ଜଣାଉଛୁ' ବୋଲି ଲେଖାଯାଉ। ଏ ବିଷୟରେ ଭୋଟ ନିଆଯିବାରେ ଅଧିକାଂଶଙ୍କ ମତ ହେଲା ଯେ ନାହିଁ, ମୂଳ କଥା ରହୁ।

ଦ୍ୱିତୀୟରେ ପ୍ରସ୍ତାବ ହେଲା ଯେ ଓଡୋନେଲ କମିଟି ଯେ ସୁପାରିସ କରିଛନ୍ତି, ଏ ସମ୍ମିଳନୀ ସେଥିରେ ଖୁବ ଅସନ୍ତୁଷ୍ଟ, ବର୍ତ୍ତମାନ ବିଚ୍ଛିନ୍ନ ଅଞ୍ଚଳ ଯେପରି ମିଳିତ ସରକାର ତଳେ ବ୍ୟବସ୍ଥା କରନ୍ତୁ।

ଦକ୍ଷିଣ ଗଞ୍ଜାମରେ ସୋମପେଟ ଠାରୁ ଜିରପଡ଼ା ପର୍ଯ୍ୟନ୍ତ—ଏହା ଛଡ଼ା ଯେପରି ଜେପୁର(?), ମଞ୍ଜୁଷା, ତରଲା, ଟିକାଲି ଆଦି ଓଡ଼ିଆ ଜମିଦାରୀ ସବୁ, ବିହାରରେ ସିଂହଭୂମ, ମେଦିନୀପୁରର କାନ୍ଥି ଓ ... ସହିତ, ମୋହନପୁର, ଦାନ୍ତନ, କେଶିଆରି, ନୟାଗଡ଼ ଓ ଖଡ଼ଗପୁର, ମଧ୍ୟପ୍ରଦେଶରୁ ଫୁଲଝର, ଖଡ଼ିଆଳ—ଏ ସବୁ ଅଞ୍ଚଳ ନ ଥିଲେ ଯେ ସ୍ୱତନ୍ତ୍ର ପ୍ରଦେଶ ଗଢ଼ାଯିବ ତେବେ ତାହା ଅଭିବାଦନ କରିବାକୁ ହେବ ନାହିଁ; ଏହା ଫଳରେ ବିଚ୍ଛିନ୍ନ ରହିଯିବା ଅଞ୍ଚଳରେ ଓଡ଼ିଆ ଭାଷା ଓ ଶିକ୍ଷା ଲୋପ ପାଇଯିବ ଏବଂ ନୂଆ ପ୍ରଦେଶର ସମୃଦ୍ଧ ବିକାଶ ବାଧା ହୋଇଯିବ।

ବାବୁ ମୁକୁନ୍ଦ ପ୍ରସାଦ ଦାସ କହିଲେ ଯେ ଏପରି ପ୍ରଦେଶ ଅଭିବାଦନ ଯୋଗ୍ୟ ହେବ ନାହିଁ ନ କହି ଏପରି ପ୍ରଦେଶ ଗ୍ରହଣୀୟ ହେବ ନାହିଁ ବୋଲି ହେଉ। ଏ କଥାରେ ମଧ୍ୟ ଅଧିକ ମତ ହେଲାନାହିଁ। ତେଣୁ ସେହି ମୂଳପ୍ରସ୍ତାବ ରହିଲା।

ଏ ସମ୍ମିଳନୀ ଦାବି କରୁଛନ୍ତି ଯେ ଓଡୋନେଲ କମିଟିର ଅଧିକ ସଂଖ୍ୟକ ମେମ୍ବରଙ୍କ ସୁପାରିଶ ଅନୁସାରେ ପାରଳାଖେମୁଣ୍ଡି ଓଡ଼ିଶାକୁ ନ ଆସିଲେ, ଦେଶରେ ଅମର ଘୋର ଅଶାନ୍ତି ଉପୁଜିବ ଏବଂ ତାହାଦ୍ୱାରା ଜୟପୁର ଓ ଓଡ଼ିଶା ମଧ୍ୟରେ ଯାତାୟାତ ସମ୍ବନ୍ଧରେ ଅସୁବିଧା ଘଟିବ, ଅଧିକନ୍ତୁ ଜୟପୁର ଓ ଦକ୍ଷିଣ ଓଡ଼ିଶାର ଆର୍ଥିକ ବିକାଶରେ ଘୋର ବାଧା ପଡ଼ିବ।

ସିଂହଭୂମ ଜିଲ୍ଲା ଓଡ଼ିଶା ସଙ୍ଗେ ନ ମିଶିବାର ପ୍ରତି ଅସନ୍ତୋଷ ପ୍ରକାଶ ପାଉଛି। ଏ ଜିଲ୍ଲା ଉତ୍କଳର ସ୍ୱାଭାବିକ ଅଙ୍ଗ ଅଟେ; ଏହା ପ୍ରଦେଶରେ ଏହା ସରକାର ଅଧୀନରେ ରହି ଏହା ସାଂସ୍କୃତିକ ଓ ବୈଷୟିକ ଭାବରେ ସମ୍ବନ୍ଧ ସଂଯୁକ୍ତ ରହିଛି। ବିହାର ଓଡ଼ିଶା ବ୍ୟବସ୍ଥା ସମ୍ବନ୍ଧରେ ସିଂହଭୂମ ଉପରେ ଆସି ରହି ଯେ ପ୍ରସ୍ତାବ ଅଣାଯାଇଥିଲା ସେଥିରେ ଅଲ୍ପସଂଖ୍ୟକ ମେମ୍ବର ଥିବାବେଳେ ଏହି ପ୍ରସ୍ତାବ ଆସି ଉକ୍ତ ସ୍ୱୀକୃତି କରିବା ନିତାନ୍ତ ଅନ୍ୟାୟ ବୋଲି ଏ ସମ୍ମିଳନୀ ବିବେଚନା କରନ୍ତି; ବିଶେଷତଃ ସିଂହଭୂମ ଉପରେ ବିହାରର କିଛି ଦାବି ନାହିଁ।

ଉପରୋକ୍ତ ଦାବୀ ମୁତାବକ ସବୁ ଅଞ୍ଚଳ ସହ ପ୍ରଦେଶ ଗଢ଼ା ନ ଗଲେ ଓଡ଼ିଶାର ବୈଷୟିକ ବିକାଶ ଓ ଉନ୍ନତି ପାଇଁ ଯେଉଁ ସଂଲଗ୍ନ ରେଲ ଲାଇନ୍ ଦରକାର ତାହା ମିଳିପାରିବ ନାହିଁ।

ଏହା ପରେ ଭାରତ ସରକାରରୁ କି ପରିମାଣରେ ବାର୍ଷିକ ସାହାଯ୍ୟ ମିଳିବ, ସେକ୍ରେଟେରିଏଟ୍ କୋଠା ବାନ୍ଧିବା ପାଇଁ କେତେ ଟଙ୍କା ମିଳିବ, କେତେ ମନ୍ତ୍ରୀ ଏଠାରେ ରହିବେ, ବ୍ୟବସ୍ଥା ପରିଷଦର ଆକାର ପ୍ରକାର ଓ ମୁସଲମାନଙ୍କ ସ୍ଥାନ ବଣ୍ଟା ଇତ୍ୟାଦି ଏ ସବୁ କଥା ବାବୁ ନିରଞ୍ଜନ ପଟ୍ଟନାୟକ ଉଠାଇବାରୁ ଅଧିକାଂଶ ଲୋକ କହିଲେ ଯେ ଆଗ ସୀମା ଅଦ୍ୟାପି ଠିକଣା ନାହିଁ, ସେ କଥା ବାହିଁକି ଉଠାଉଛ, ଆଗ କେଉଁ କେଉଁ ଅଞ୍ଚଳ ଆସୁଛି ତାକୁ ଜାଣିପାରିଲେ ସିନା ବ୍ୟବସ୍ଥା ସମ୍ବନ୍ଧରେ ଆକାର ଓ ଟଙ୍କା ପଇସା କଥା ବିଚାର କରାଯିବ, ଏ ପ୍ରସ୍ତାବ ଅଲୋଚନା ହୋଇ ଯେ ସ୍ଥଗିତ ରହିଲା।

ପରେ ୩ଟା ବେଳେ ସମ୍ମିଳନୀ ଆରମ୍ଭ ହେଲା।

କଟକ, ତା ୧୬।୨।୩୩

